بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 24

ବାର୍ଷିକ ଦେୟ : 600/-

www.akhbarbadr.in

06 ଜୁଲ୍‌ହଜ୍ଜା 1445 ହି.କ, 13 ଇହସାନ୍ 1403 ହି.ଶ, 13 June-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

فَمَنۡ اَظۡلَمُ مِمَّنِ افۡتَرٰی عَلَی اللّٰہِ کَذِبًا اَوۡ کَذَّبَ بِاٰیٰتِہٖ ؕ اِنَّہٗ لَا یُفۡلِحُ الۡمُجۡرِمُوۡنَ

(ୟୁନୁସ୍ -18)

**ଅନୁବାଦ :** ସୁତରାଂ ଯେ ଅଲ୍ଲାଃଙ୍କ ପ୍ରତି ମିଥ୍ୟା ଆରୋପ କରେ ବା ତାହାଙ୍କର ନିଦର୍ଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରେ, ତା' ଠାରୁ ଅଧିକ ଅତ୍ୟାଚାରୀ ଆଉ କିଏ ବା ହୋଇପାରେ ? ଏହା ନିଶ୍ଚିତ ଯେ, ଅପରାଧୀମାନେ କେବେ ବି କୃତକାର୍ଯ୍ୟ ହୁଅନ୍ତି ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**(2581)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ପତ୍ନିମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ଗୋଟିଏ ଗୋଷ୍ଠୀରେ ମୁଁ ଆଏଶା, ହଫ୍‌ସା, ସଫିୟା, ସୌଦା ର.ଅ ଥିଲେ ଓ ଅନ୍ୟ ଗୋଷ୍ଠୀରେ ଉମ୍ମେ ସଲ୍‌ମା ର.ଅ ଓ ଅନ୍ୟ ପତ୍ନୀମାନେ ରହିଥିଲେ । ମୁସଲମାନମାନଙ୍କୁ ଉକ୍ତ କଥା ଜ୍ଞାତ ହୋଇ ଯାଇଥିଲା କି ଆଁହଜରତ ସ.ଅ ହ. ଆଏଶା ର.ଅଙ୍କୁ ସବୁଠୁ ବେଶୀ ଭଲ ପାଉଛନ୍ତି। ଅତଏବ୍ ଯେତେବେଳେ ଆପଣ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ କୌଣସି ସାହାବିଙ୍କ ନିକଟରେ କୌଣସି ଭେଟି ଓ ଉପହାର ହେଉଥିଲା ଏବଂ ସେହି ଭେଟିକୁ ସାହାବାମାନେ ଉପସ୍ଥାପିତ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ସେତେବେଳେ ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଥିଲା । ଅର୍ଥାତ୍ ଆଁହଜରତ ସ.ଅ ହ. ଆଏଶା ର.ଅଙ୍କ ଘରେ ରହୁଥିଲେ ।

**ବ୍ୟାଖ୍ୟା :** ହ. ସୟେଦି ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ର.ଅ କୁହନ୍ତି, ଇମାମ୍ ଇବ୍‌ନେ ହଜର ର.ଅ ଆଁହଜରତ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା ସଂକ୍ରାନ୍ତରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଆଲୋଚନା ପ୍ରଦାନ କରିଛନ୍ତି । ଅର୍ଥାତ୍ ଉତ୍ତମଚରିତ୍ରବତ୍ତା, ଭେଟି, ଉପହାର ଇତ୍ୟାଦି ପ୍ରେରଣ କରିବା ସଂକ୍ରାନ୍ତରେ କାହାରିକୁ ଭେଟି ଦେବାରେ ବାରଣ ରହିଛି । ହୁଜୁର ସ.ଅ ଯଦି ସାହାବାମାନଙ୍କୁ ଏହା କହିଥାଆନ୍ତେ ଯେ, ହେ ସାହାବାମାନେ ! କେବଳ ଗୋଟିଏ ପତ୍ନୀଙ୍କ ପାଳିକୁ ଧାର୍ଯ୍ୟ କର ନାହିଁ । ବରଂ ଯେଉଁ ପତ୍ନିଙ୍କ ପାଳିରେ ମୁଁ ଘରେ ଅବସ୍ଥାନ କରିଥାଏ ସେଠାକୁ ମଧ୍ୟ ତୁମେମାନେ ଭେଟି ପ୍ରେରଣ କରିଦିଅ । ତହିଁରେ ମଧ୍ୟ ଆଁହଜରତ ସ.ଅଙ୍କୁ ଭେଟି ପ୍ରେରଣ କରିବା ସଂକ୍ରାନ୍ତରେ ଇଙ୍ଗିତ ରହିଛି । ଅତଃ ହୁଜୁର ସ.ଅ ଏହାକୁ ମଧ୍ୟ ପସନ୍ଦ କଲେ ନାହିଁ ଏବଂ ନୀରବତା ଅବଲମ୍ବନ କଲେ । ଭେଟି ଦେବା ଅବା ନଦେବା ପ୍ରସଙ୍ଗରେ ପ୍ରତ୍ୟାକ ବ୍ୟକ୍ତୀ ସ୍ୱାଧୀନ ଅଟେ । ସେ ଯାହାକୁ ଚାହିଁବ ତାହାକୁ ଭେଟି ଦେଇପାରିବ ଅବା ନଦେଇପାରିବ। ଏପରି ପ୍ରସଙ୍ଗକେ ହସ୍ତକ୍ଷେପ କରିବା ଅବା ଆତ୍ମ ପବିତ୍ରତା ଆଶା କରିବା ସର୍ବୋଚ୍ଚ ଚରିତ୍ର ର ବିପରୀତ ଅଟେ। ମହିଳାମାନଙ୍କୁ ନ୍ୟାୟ ସଂକ୍ରାନ୍ତରେ ମଧ୍ୟ ଭ୍ରାନ୍ତ ଧାରଣା ମନରେ ରହିଥିଲା। ନ୍ୟାୟ ବିଚାର କରିବାର ପ୍ରସଙ୍ଗ ସ୍ୱାମୀର ଅସ୍ତିତ୍ୱ ସହିତ ଜଡ଼ିତ ରହିଛି ନା କି ଅନ୍ୟମାନଙ୍କ ଇଚ୍ଛାନୁଯାୟୀ । **(ବୁଖାରୀ, କିତାବୁଲ୍ ହଦିୟାହ୍, ବାବ୍- ମନ୍ ଅହଦା ଇଲା ସାହାବା ଭାଗ-4)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ସବୁଠୁ ବଡ଼ ଅବିଶ୍ୱାସକାରୀ ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍ କରୀମ୍ ପ୍ରତି ଧ୍ୟାନ ଦିଏ ନାହିଁ ଓ ଅନ୍ୟ ପୁସ୍ତକ ତଥା ଅନ୍ୟ ଧର୍ମ ଗ୍ରନ୍ଥ ପାଠ କରିବାରେ ଦିବା ରାତ୍ର ନିମଜ୍ଜିତ ରହେ ।

ହୁଜୁର୍ ଅ.ସ କୁହନ୍ତି: ଆମ ପାଖରେ ଯଦି ପବିତ୍ର କୁରଆନ୍ କରୀମ୍ ନଥାଆନ୍ତା ଓ ହଦିସ୍‌ର ଏହି ସମାହାର ହିଁ ବିଶ୍ୱାସ ଓ ଆସ୍ଥାର ଗୌରବ ହୋଇଥାଆନ୍ତା ତେବେ ଆମେମାନେ ଅନ୍ୟ ଜାତିଙ୍କୁ ଲଜ୍ଜିତ ହୋଇ ମୁହଁ ଦେଖାଇ ପାରନ୍ତୁ ନାହିଁ । ମୁଁ ପବିତ୍ର କୁରଆନ୍ କରୀମ୍ ଉପରେ ଯେତେବେଳେ ବିଚାଲର କଲି ସେତେବେଳେ ମୋ ଉପରେ ଏହା ଉନ୍ମୋଚିତ ହେଲା ଯେ, ଉକ୍ତ ପବିତ୍ର ଶବ୍ଦରେ ଏକ ବଳିଷ୍ଠ ଭବିଷ୍ୟବାଣୀ ନିହିତ ରହିଛି । ତାହା ଏହିକି ଯେ,ଏହି ଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ହିଁ ପଠନୀୟ ଗ୍ରନ୍ଥ ଅଟେ । ଏକ କାଳରେ ଏହି ଧର୍ମଗ୍ରନ୍ଥ ସର୍ବାଧିକ ପଠନୀୟ ଗ୍ରନ୍ଥ ସାବ୍ୟସ୍ତ ହେବ। ଅନ୍ୟ ପୁସ୍ତକ ଏବଂ ଅନ୍ୟ ଧର୍ମ ଗ୍ରନ୍ଥ ମଧ୍ୟ ଉକ୍ତ ଗ୍ରନ୍ଥ ସହିତ ପାଠ କରାଯିବ ଓ ସାମିଲ୍ କରାଯିବ। ସେତେବେଳେ ଇସ୍‌ଲାମ୍ ଧର୍ମର ଆତ୍ମ ସମ୍ମାନକୁ ରକ୍ଷା କରିବା ନିମନ୍ତେ ଏବଂ ମିଥ୍ୟାର ପରିସମାପ୍ତି କରିବା ନିମନ୍ତେ ଏହି ଧର୍ମଗ୍ରନ୍ଥ ହିଁ ଏକମାତ୍ର ପଠନୀୟ ଗ୍ରନ୍ଥ ସାବ୍ୟସ୍ତ ହେବ ଏବଂ ଅନ୍ୟ ଗ୍ରନ୍ଥ ସଂପୂର୍ଣ୍ଣ ରୂପେ ପରିତ୍ୟକ୍ତ ଯୋଗ୍ୟ ହେବେ । **'ଫୁର୍କାନ୍'**ର ମଧ୍ୟ ଏହି ଅର୍ଥ ରହିଛି ଯେ, ଉକ୍ତ ଗ୍ରନ୍ଥ ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟକାରୀ ରୂପେ ବିବେଚିତ ହେବ ଏବଂ ଅନ୍ୟ କୌଣସି ହଦିସ୍ କିମ୍ବା ଅନ୍ୟ କୌଣସି ଧର୍ମଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ତୁଲ୍ୟ ହେବେ ନାହିଁ (ଆପଣ ଅ.ସ କହିଲେ ବା ଅତ୍ୟନ୍ତ ଉତ୍ସାହ ତଥା ତାଗିଦ୍‌ପୂର୍ବକ କହିଲେ) । ବର୍ତ୍ତମାନ ସମସ୍ତ ପୁସ୍ତକ ପରିତ୍ୟାଗ କରିଦିଅ ଏବଂ ଦିବାରାତ୍ର କିତାବୁଲ୍ଲାଃକୁ ହିଁ ପାଠ କର । ସବୁଠୁ ବଡ଼ ଅବିଶ୍ୱାସକାରୀ ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍ କରୀମ୍ ପ୍ରତି ଧ୍ୟାନ ଦିଏ ନାହିଁ ଓ ଅନ୍ୟ ପୁସ୍ତକ ତଥା ଅନ୍ୟ ଧର୍ମଗ୍ରନ୍ଥ ପାଠ କରିବାରେ ଦିବା ରାତ୍ର ନିମଜ୍ଜିତ ରହେ । ଆମ ଜମାଅତ୍ ପକ୍ଷେ ଏହା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମ୍‌ର ପାଠ କରିବା କାର୍ଯ୍ୟ ଏବଂ ବିଚାର କରିବାରେ ମନ ପ୍ରାଣ ଦେଇ ନିମଜ୍ଜିତ ହୋଇଯାଅ ଏବଂ ହଦିସ୍‌ର କାର୍ଯ୍ୟ ଅର୍ଥାତ୍ ହଦିସ୍ ପାଠ କରିବା କାର୍ଯ୍ୟକୁ ପରିତ୍ୟାଗ କରିଦିଅ। ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ପବିତ୍ର କୁରଆନ୍ କରୀମ୍‌ର ସେପରି ସହାନୁଭୂତିକ କୃପା ଏବଂ ଅଧ୍ୟୟନ ତଥା ପାଠ କରାଯାଉ ନାହିଁ ଯେପରି ହଦିସ୍‌ର ପଠନ ଏବଂ ଅଧ୍ୟୟନ କାର୍ଯ୍ୟ କରାଯାଉଛି। ଯେତେବେଳେ ପବିତ୍ର କୁରଆନ୍ କରୀମର ଅସ୍ତ୍ରକୁ ହାତରେ ଧରିନିଅ ସେତେବେଳେ ତୁମର ବିଜୟ ସୁନିଶ୍ଚିତ ଅଟେ । ଉକ୍ତ ଆଲୋକ ସମ୍ମୁଖରେ ଅନ୍ଧକାର ତିଷ୍ଠି ପାରିବ ନାହିଁ। **(ମଲ୍‌ଫୁଜାତ୍, ଭାଗ-2, ପୃ-9, ସଂସ୍କରଣ ବର୍ଷ-2018 ମସିହା, ପ୍ରକାଶନ ସ୍ଥାନ-କାଦିଆନ୍)**

☆--☆--☆

### ମସ୍‌ଜିଦ୍ ହେଉଛି ବିଶ୍ୱାସକାରୀମାନଙ୍କ ଏକତ୍ରିତ ହେବାର ସ୍ଥାନ ଏବଂ ଦୁଆ ଓ ଈଶ୍ୱର ଚର୍ଚ୍ଚାର ସ୍ଥାନ ହୋଇଥାଏ । ଏପରି ସ୍ଥାନରୁ କୌଣସି ପ୍ରକୃତ ପ୍ରେମୀ ଓ ପ୍ରକୃତ ସଂପର୍କ ରକ୍ଷାକାରୀ ବ୍ୟକ୍ତି କେବେ ବି ପୃଥକ୍ ହୋଇ ରହିପାରିବ ନାହିଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜର ଆୟତ୍ ସଂଖ୍ୟା 27 وَاِذۡ بَوَّاۡنَا لِاِبۡرٰہِیۡمَ مَکَانَ الۡبَیۡتِ اَنۡ لَّا تُشۡرِکۡ بِیۡ شَیۡئًا وَّطَہِّرۡ بَیۡتِیَ لِلطَّآئِفِیۡنَ وَالۡقَآئِمِیۡنَ وَالرُّکَّعِ السُّجُوۡدِ ର ବ୍ୟାଖ୍ୟା କରି କୁହନ୍ତି: ସଂସାରର ସମସ୍ତ ମସ୍‌ଜିଦ୍ ମଧ୍ୟ ଅଲ୍ଲାଃତାଲାଙ୍କର ଘର ଅଟନ୍ତି । ତେଣୁ ମସ୍‌ଜିଦଗୁଡ଼ିକ ମଧ୍ୟ ଈଶ୍ୱର ଚର୍ଚ୍ଚା ନିମନ୍ତେ ନିର୍ଦ୍ଧାରିତ ଓ ବିଶେଷିତ ହୋଇଥାଆନ୍ତି ଏବଂ ବୈତୁଲ୍ଲାଃଙ୍କ (ଅଲ୍ଲାଃତାଲାଙ୍କ ଘର)ର ପ୍ରତିବିମ୍ବ ସ୍ୱରୂପ ଅଲ୍ଲାଃତାଲା ସେମାନଙ୍କୁ ସ୍ଥାପନ କରିଛନ୍ତି । ତେଣୁ ଏହି ଆଦେଶାବଳୀଗୁଡ଼ିକ କେବଳ ବୈତୁଲ୍ଲାଃ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବରଂ ପ୍ରତ୍ୟେକ ମସ୍‌ଜିଦ୍‌ରେ ପ୍ରତିବିମ୍ବ ସ୍ୱରୂପ ଚରିତାର୍ଥ ହୋଇଥାଏ ।

ଉକ୍ତ ଦୃଷ୍ଟିକୋଣରୁ ଯଦି ବିଚାର କରାଯାଏ ତେବେ ଜ୍ଞାତ ହୋଇଥାଏ ଯେ, ତହିଁରେ ମସ୍‌ଜିଦ୍‌ର ତିନୋଟି ପ୍ରମୁଖ ଅଭିପ୍ରାୟ ବର୍ଣ୍ଣନା କରାଯାଇଛି ।

**ପ୍ରଥମତଃ-** ମସ୍‌ଜିଦ୍‌ଗୁଡ଼ିକ ଏଇଥି ପାଇଁ ନିର୍ମାଣ

କରାଯାଇଥାଏ ଯେ, ଯାତ୍ରୀମାନେ ତହିଁରୁ ଲାଭାନ୍ୱିତ ହୁଅନ୍ତୁ ।

**ଦ୍ୱିତୀୟତଃ-** ମସଜିଦ୍ ଏଇଥି ପାଇଁ ନିର୍ମାଣ କରାଯାଇଥାଏ ଯେ, ସହରରେ ବାସ କରୁଥିବା ଲୋକମାନେ ତହିଁରୁ ଉପକୃତ ହୁଅନ୍ତୁ ।

**ତୃତୀୟତଃ-** ମସଜିଦ୍ ଏଇଥି ପାଇଁ ନିର୍ମାଣ କରାଯାଇଥାଏ ଯେ, ରୁକୁ ଓ ସୁଜୁଦ୍‌କାରୀ (ଅର୍ଦ୍ଧ ଆନତ ହେବା ଓ ମଥାକୁ ନେଇ ଭୂମିରେ ସଂଲଗ୍ନ କରି ଆନତ ହେବା) ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା, ତାହାଙ୍କ ଅନୁଗ୍ରହତା ତଥା ତାହାଙ୍କ ସଦିଚ୍ଛା ପ୍ରାପ୍ତ କରିବା ସକାଶେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ବ୍ୟକ୍ତିମାନେ ଓ ପୂର୍ଣ୍ଣ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ଥିବା ଲୋକମାନେ ତହିଁରୁ ଉପକୃତ ହୁଅନ୍ତୁ ।

ଯାତ୍ରୀ ତ' ମସଜିଦରୁ ଏହିପରି ଭାବରେ ଉପକୃତ ହୋଇଥାଏ ଯେ, ତା'କୁ ଯଦି ଅନ୍ୟ କୌଣସି ଠିକଣା ନମିଳେ ତେବେ ସେ ସେହି ଠିକଣାରେ କିଛି ଦିନ ପର୍ଯ୍ୟନ୍ତ ଅବସ୍ଥାନ କରି ସମସ୍ୟା ଏବଂ ଅସୁବିଧାରୁ ବର୍ତ୍ତିଯାଇଥାଏ । ସେହିପରି ସେହି ସ୍ଥାନର ଅଧିବାସୀ ଏହି ରୂପରେ ଲାଭାନ୍ୱିତ ହୋଇପାରିବ ଯେ, ମସଜିଦ୍ ପାଟିତୁଣ୍ଡ ତଥା କୋଳାହଳରୁ ଶାନ୍ତିପୂର୍ଣ୍ଣ ସ୍ଥାନ ହୋଇଥାଏ । ସେ ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ ବସି ଦୁଆ କରିପାରିଥାଏ ଏବଂ ନିଜ ପରମେଶ୍ୱରଙ୍କ ନିକଟରେ ନୈବେଦ୍ୟ ଓ ଗୁହାରି କରିପାରିଥାଏ । ସେହି ଲୋକମାନେ ଯେଉଁମାନେ ନିଜକୁ ଈଶ୍ୱରର ଧର୍ମ ନିମନ୍ତେ ଉତ୍ସର୍ଗ କରି ଦେଇଥାଆନ୍ତି ସେମାନଙ୍କର ପ୍ରକୃତ ଠିକଣା ତ' ମସଜିଦ୍ ହିଁ ହୋଇଥାଏ । କାରଣ ମସଜିଦ୍ ବିଶ୍ୱାସକାରୀଙ୍କ ଏକତ୍ର ହେବାର ସ୍ଥାନ ଅଟେ ଏବଂ ମସଜିଦ୍ ଦୁଆ ଓ ଈଶ୍ୱର ଚର୍ଚ୍ଚାର ଏକ ସ୍ଥାନ ହୋଇଥାଏ । ଏହିପରି ସ୍ଥାନରୁ କୌଣସି ପ୍ରକୃତ ପ୍ରେମୀ ଓ ମସଜିଦ୍ ସହିତ ପ୍ରକୃତ ସଂପର୍କ ରକ୍ଷାକାରୀ ବ୍ୟକ୍ତି କେବେ ବି ପୃଥକ୍ ହୋଇପାରିବ ନାହିଁ । କିନ୍ତୁ ଉକ୍ତ ପ୍ରସଙ୍ଗକୁ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଯେ, ଈଶ୍ୱର ଚର୍ଚ୍ଚାର ମର୍ଯ୍ୟାଦା ହେଉଛି ସେହି ମର୍ଯ୍ୟାଦା ଯାହାକି ସମସ୍ତ କାର୍ଯ୍ୟର ମର୍ଯ୍ୟାଦା ହୋଇଥାଏ । ଯହିଁରେ ଜାତୀୟ ସ୍ୱାର୍ଥ ନିହିତ ହୋଇଥିବ କିମ୍ବା ଅନ୍ୟ କୌଣସି ରୂପରେ ମୁସଲମାନମାନଙ୍କର ଉନ୍ନତି ଏବଂ ସେମାନଙ୍କର ଅଧଃପତନ ସହିତ ସଂଶ୍ଳିଷ୍ଟ ହୋଇଥିବ । ସୁତରାଂ ରସୁଲ୍ କରୀମ ସ.ଅଙ୍କ କାଳକୁ ଯଦି ଅବଲୋକନ କରାଯାଏ ତେବେ ଯୁଦ୍ଧର ସମସ୍ତ ନିଷ୍ପତ୍ତି ମସଜିଦରେ ହିଁ ହେଉଥିଲା ।

କଜା (ନ୍ୟାୟିକ ମାମଲାର ଶୁଣାଣି) ମଧ୍ୟ ସେହିଠାରେ ହିଁ ହୋଇଥାଏ । ଶିକ୍ଷା ମଧ୍ୟ ସେହିଠାରେ ହିଁ ହୋଇଥାଏ । ତହିଁରୁ ଏହା ଜ୍ଞାତ ହୋଇଥାଏ ଯେ, ମସଜିଦ୍‌ଗୁଡ଼ିକ କେବଳ ଅଲ୍ଲାଃ ଅଲ୍ଲାଃ ନାମ ଭଜିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ ବରଂ ଅନ୍ୟ କେତେକ କାର୍ଯ୍ୟ ମଧ୍ୟ ଯାହାକି ଜାତୀୟ ସ୍ୱାର୍ଥ ତଥା ଜାତୀୟ ଆବଶ୍ୟକତା ସଂପର୍କିତ ଅଟନ୍ତି ମସଜିଦରେ କରାଯାଇପାରିବ । କାରଣ ଇସଲାମ୍ ଧର୍ମରେ ଈଶ୍ୱର ଚର୍ଚ୍ଚା କେବଳ ଏହି କଥାର ନାମ ନୁହେଁ ଯେ, ମନୁଷ୍ୟ سُبحان الله سُبحان الله କହି ବୁଲୁଥିବା । ବରଂ ଯଦି କୌଣସି ବ୍ୟକ୍ତି ବିଧବା ମହିଳାର ସେବା କରେ ତେବେ ତାହା ମଧ୍ୟ ଧର୍ମ ଅଟେ । ଯଦି କୌଣସି ବ୍ୟକ୍ତି ଅନାଥ ପିଲାମାନଙ୍କର ଲାଳନ ପାଳନ କରେ ତେବେ ତାହା ମଧ୍ୟ ଧର୍ମ ଅଟେ । ଯଦି କୌଣସି ବ୍ୟକ୍ତି ଲୋକମାନଙ୍କ କଳହକୁ ଦୂର କରିଥାଏ ଏବଂ ଶାନ୍ତି ଓ ସନ୍ଧି ସ୍ଥାପନ କରେ ତେବେ ଏହା ମଧ୍ୟ ଧର୍ମ ଅଟେ। ସୁତରାଂ ସେହି ସମସ୍ତ କାର୍ଯ୍ୟ ଯହିଁରୁ ଜାତିକୁ ଲାଭ ପହଞ୍ଚିଥାଏ, ଯାହା ଜାତିର ଚରିତ୍ର ଏବଂ ଜାତିର ସାଂସାରିକ ଅବସ୍ଥାକୁ ବୃଦ୍ଧି କରିଥାଏ ସେଗୁଡ଼ିକ ଈଶ୍ୱର ଚର୍ଚ୍ଚା ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି । ଉପରୋକ୍ତ କାର୍ଯ୍ୟ ମସଜିଦରେ କରିବା ବୈଧ ଅଟେ । ରସୁଲ୍ କରୀମ୍ ସ.ଅଙ୍କ କାଳରେ ଯଦି କୌଣସି ଅତିଥି ଆସି ଯାଉଥିଲା ତେବେ ସେପରିପ୍ରେକ୍ଷୀରେ ଆପଣ ସ.ଅ ମସଜିଦରେ ହିଁ ସାହାବାମାନଙ୍କୁ ସମ୍ବୋଧିତ କରି କହୁଥିଲେ, ହେ ସାହାବାମାନେ ! ଅମକ ଅତିଥି ଆସିଛନ୍ତି ତୁମମାନଙ୍କ ମଧ୍ୟରୁ କିଏ ଏହି ଅତିଥିଙ୍କୁ ଭୋଜନ ନିମନ୍ତେ ନିଜ ସାଙ୍ଗରେ ନେଇଯିବ ?

ବର୍ତ୍ତମାନ ପ୍ରକାଶ୍ୟ ରୂପେ କହିବାକୁ ଗଲେ ଏହା ରୁଟିର (ଖାଦ୍ୟ ସଂପର୍କିତ) ପ୍ରଶ୍ନ ଥିଲା । କିନ୍ତୁ ବାସ୍ତବରେ ଏହା ଧର୍ମ ଥିଲା । ତେଣୁ ତହିଁରୁ ଏକ ଧାର୍ମିକ ଆବଶ୍ୟକତା ପୂର୍ଣ୍ଣ ହେଉଥିଲା । ଲୋକମାନେ ଭ୍ରମବଶତଃ ଧର୍ମର ଅର୍ଥକୁ ସଂକୀର୍ଣ୍ଣ କରିଦେଇଛନ୍ତି। କିନ୍ତୁ ଧର୍ମ ଏଥିନିମନ୍ତେ ଅବତୀର୍ଣ୍ଣ ହୋଇଛି ଯେ, ମନୁଷ୍ୟ ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପନ କରୁ ଏବଂ ଅଲ୍ଲାଃତାଲାଙ୍କ ସେବା କରିବା ବ୍ୟତୀତ ଅନ୍ୟ କୌଣସି ଭକ୍ତ ସହିତ ସାକ୍ଷାତ୍ କରି ନଥାଆନ୍ତି । ବରଂ ସେହି ଅନାଥର ଲାଳନ ପାଳନକାରୀ ସହିତ ସାକ୍ଷାତ୍ କରିଥାଆନ୍ତି, ବିଧବା ମହିଳାର ସେବାକାରୀ ବ୍ୟକ୍ତି ସହିତ ସାକ୍ଷାତ୍ କରିଥାଆନ୍ତି, ଅବିଶ୍ୱାସକାରୀକୁ ପ୍ରଚାର କରୁଥିବା ବ୍ୟକ୍ତି ସହିତ ସାକ୍ଷାତ୍ କରି ଥାଆନ୍ତି, ବିଶ୍ୱାସକାରୀ ଯେକି ବିପତ୍ତିରୁ ଉଦ୍ଧାରକାରୀ ବ୍ୟକ୍ତି ହୋଇଥାଏ ତାହା ସହିତ ସାକ୍ଷାତ୍ କରିଥାଆନ୍ତି ।

ସୁତରାଂ ଉପରୋକ୍ତ ପ୍ରସଙ୍ଗ ଯଦି ମସଜିଦରେ ଚର୍ଚ୍ଚା କରାଯାଉଥିଲା ତେବେ ଏହା ସାଂସାରିକତା ନୁହେଁ ବରଂ ଧର୍ମର ହିଁ ଅଭିନ୍ନ ଅଙ୍ଗ ହେବ । ହିଁ ମସଜିଦ୍‌ରେ କେବଳ ବ୍ୟକ୍ତିଗତ କାର୍ଯ୍ୟ ସଂକ୍ରାନ୍ତରେ କଥାବାର୍ତ୍ତା କରିବା ବର୍ଜନୀୟ ଅଟେ । ଉଦାହରଣ ସ୍ୱରୂପ ତୁମେ ଯଦି କୌଣସି ବ୍ୟକ୍ତିକୁ ପଚାରି ଥାଆନ୍ତ ଯେ, ତୁମ କନ୍ୟାର ବିବାହର କ'ଣ ନିଷ୍ପତ୍ତି ହେଲା ଅବା କହିଥାଆନ୍ତ କି ମୋ ଉନ୍ନତିର କଳହର ପ୍ରସଙ୍ଗ ରହିଛି। ଅଫିସର ମାନୁ ନାହାନ୍ତି, ତେବେ ଏପରି କଥା ଏବଂ ଏପରି ପ୍ରସଙ୍ଗ ମସଜିଦ୍‌ରେ ବୈଧ ତଥା ଯୁକ୍ତିଯୁକ୍ତ ନୁହେଁ । କିନ୍ତୁ ଇମାମ୍‌ଙ୍କ ବ୍ୟତୀତ ତାଙ୍କ ଉପରେ ସମସ୍ତ ଜାତିର ଦାୟିତ୍ୱ ନ୍ୟସ୍ତ ହୋଇଥାଏ ଓ ତାଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଆବଶ୍ୟକ ସ୍ଥଳେ ସେହି ପ୍ରସଙ୍ଗ ସଂକ୍ରାନ୍ତରେ ମଧ୍ୟ ଲୋକମାନଙ୍କ ସହିତ କଥାବାର୍ତ୍ତା କରିପାରିବେ ।

ସେ ଯାହା ହେଉ ମସଜିଦ୍‌ରେ କେବଳ ବ୍ୟକ୍ତିଗତ କାର୍ଯ୍ୟ ସଂକ୍ରାନ୍ତରେ କଥାବାର୍ତ୍ତା କରିବା ବର୍ଜନୀୟ ଅପ୍ରାସଙ୍ଗିକ ଅଟେ । ଉଦାହରଣ ସ୍ୱରୂପ ରସୁଲ୍ କରୀମ୍ ସ.ଅ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତିର କିଛି ଜିନିଷ ବା ବସ୍ତୁ ମସଜିଦ୍‌ରେ ହଜିଯାଏ ତେବେ ସେପରିପ୍ରେକ୍ଷୀରେ ସେ ତତ୍‌ସମ୍ବନ୍ଧରେ ମସଜିଦ୍‌ରେ ହିଁ ଘୋଷଣା ନକରୁ । ସୁତରାଂ ମସଜିଦ୍ କେବଳ ଈଶ୍ୱର ଚର୍ଚ୍ଚା, ସାଧନା ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବରଂ ଈଶ୍ୱର ଚର୍ଚ୍ଚା ସେହି ସମସ୍ତ ପ୍ରସଙ୍ଗ ଉପରେ ଆଧାରିତ ଯାହାକି ମନୁଷ୍ୟର ବ୍ୟକ୍ତିଗତ ସ୍ୱାର୍ଥ, ରାଜନୈତିକ, ଶୈକ୍ଷିକ ଓ ଜାତୀୟତାର ଅଭିବୃଦ୍ଧି ତଥା ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ହୋଇଥିବା ଉଚିତ୍ ।

କିନ୍ତୁ ସେହି ସମସ୍ତ ପ୍ରସଙ୍ଗ ଯାହାକି ହିଂସା,, ସାଂପ୍ରଦାୟିକତା କିମ୍ବା ଆଇନ ଉଲ୍ଲଂଘନ ସହିତ ସଂପର୍କିତ ଅଟନ୍ତି ସେଗୁଡ଼ିକର ନାମ ବ୍ୟକ୍ତିଗତ ସ୍ୱାର୍ଥ ରଖିନିଅ ପଛେ କିମ୍ବା ରାଜନୈତିକ, ଜାତୀୟ ସ୍ୱାର୍ଥ ରଖିନିଅ ପଛେ ଅବା ଏହିସବୁ ଧାର୍ମିକ କାର୍ଯ୍ୟ ମସଜିଦ୍‌ରେ କରିବା ବୈଧ ଅଟେ । ସେହିପରି ମସଜିଦ୍‌ରେ ବ୍ୟକ୍ତିଗତ ପ୍ରସଙ୍ଗ ସଂକ୍ରାନ୍ତରେ କଥା ବାର୍ତ୍ତା କରିବା ମଧ୍ୟ ବର୍ଜନୀୟ ଅଟେ । କାରଣ ଇସଲାମ୍ ଧର୍ମ ମସଜିଦକୁ ଈଶ୍ୱରଙ୍କ ଘର ବୋଲି ବିବେଚିତ କରିଛି ଓ ମସଜିଦକୁ ଅଲ୍ଲାଃତାଲାଙ୍କ ଚର୍ଚ୍ଚା ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥଳୀ ବୋଲି ବିବେଚିତ କରିଛନ୍ତି ।

**(ତଫସିର୍ କବିର, ଭାଗ-6, ପୃ-27-29)**

☆--☆--☆

## ବିଗତ ସଂଖ୍ୟା-23, ପୃ-12ରେ ପ୍ରକାଶିତ ଭାଷଣର ଅବଶିଷ୍ଟାଂଶ.....

ହଦିସ୍‌ର ବିଦ୍ୱାନ ହ. ଶାହ୍ ୱଲିଉଲ୍ଲାଃ ସାହେବ ଦେହେଲ୍‌ୱୀ ନିଜର ପୁସ୍ତକ ଅଲ୍ ଖୈରୁଲ୍ କସୀର୍‌ରେ କୁହନ୍ତି: حق له ان ينعكس فيه سيّد انوار المرسلين ﷺ يزعم العامة انهٗ اذا نزل فى الارض كان و احدًا من الأمهِ كلّا بل هو شرح الاسلام الجامع المحمدى و نسخة منتسخته منه ଅର୍ଥାତ୍ ଶାହ୍ ୱଲିଉଲ୍ଲାଃ ଦେହେଲ୍‌ୱୀ ଭବିଷ୍ୟବାଣୀ ସ୍ୱରୂପ ବର୍ଣ୍ଣନା କରନ୍ତି ଯେ, ପ୍ରତିଶୃତ ମସିହ୍ ଉକ୍ତ କଥା ଅଧିକାର ଅଟେ ଯେ, ତା' ମଧ୍ୟରେ ଅବତାରମାନଙ୍କର ଅଧିପତି ଆଁହଜରତ ସ.ଅଙ୍କ ଆଲୋକ ପ୍ରତିବିମ୍ବିତ ହେଉ । ସାଧାରଣ ଲୋକମାନେ ଏହା ମନେକରନ୍ତି ଯେ, ପ୍ରତିଶୃତ ମସିହ୍ ଯେତେବେଳେ ଅବତୀର୍ଣ୍ଣ ହେବ ସେତେବେଳେ ସେ କେବଳ ଜଣେ ସଂପ୍ରଦାୟର ବ୍ୟକ୍ତି ହେବେ । ଏପରି କଦାପି ନୁହଁ । ବରଂ ସେ ଆଁହଜରତ ସ.ଅଙ୍କ ନାମର ସମଷ୍ଟିର ବ୍ୟାଖ୍ୟା ଏବଂ ଆପଣ ସ.ଅଙ୍କ ପ୍ରକୃତ ଛାୟୀ (True Copy) ହେବ । **(ଖୁତ୍‌ବା ଜୁମା, ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଦ୍ୱାରା ପ୍ରଦତ୍ତ ଖୁତବା, ତା-5 ଏପ୍ରିଲ୍, 1985 ମସିହା)**

ଶ୍ରୋତମଣ୍ଡଳୀ ! ହ. ମସିହ୍ ମଉଦ୍ ଅ.ସ ଯୁଗାବତାରଙ୍କ ସକାଶେ ଯେଉଁ ଯେଉଁ ଶକ୍ତିର ଚର୍ଚ୍ଚା କରିଛନ୍ତି ତନ୍ମଧ୍ୟରୁ ଗୋଟିଏ ଶକ୍ତି ହେଲା, بسطت فى العلم ଅନ୍ୟତମ ଅଟେ। ଅର୍ଥାତ୍ ଅଲ୍ଲାଃତାଲା ଅବତୀର୍ଣ୍ଣ କରିଥିବା ଖଲିଫାମାନଙ୍କୁ ଆଧାତ୍ମିକ ବିଦ୍ୟା ଓ ଶାରୀରୀକ ବିଦ୍ୟାରେ ବ୍ୟାପକତା ଅର୍ଥାତ୍ ବିସ୍ତୃତତା ପ୍ରଦାନ କରିବେ । ଆପଣ ଅ.ସ କୁହନ୍ତି: "ତୃତୀୟ ଶକ୍ତି ହେଉଛି بسطت فى العلم । ଏହି ଶକ୍ତି ଯୁଗାବତାରଙ୍କ ସକାଶେ ଆବଶ୍ୟକ ଅଟେ । ଏହାର ବୈଶିଷ୍ଟ୍ୟତା ଅନିର୍ବାର୍ଯ୍ୟ ଅଟେ । କାରଣ ଇମାମତ୍‌ର ଅର୍ଥ ସମସ୍ତ ସତ୍ୟତା ଓ ଅଧ୍ୟାତ୍ମ ପରିଚୟ ଏବଂ ପ୍ରେମର ଅନିର୍ବାର୍ଯ୍ୟ ଏବଂ ସତ୍ୟତା ଓ ବିଶ୍ୱସ୍ତତାରେ ଅଗ୍ରଗତି କରିବାକୁ ବୁଝାଇଥାଏ । ଅତଏବ୍ ସେ ନିଜର ସମସ୍ତ ଅନ୍ୟାନ୍ୟା ଶକ୍ତିକୁ ଏହି ସେବାରେ ନିୟୋଜିତ କରିଦେଇଛନ୍ତି ଏବଂ رَبِّ زِدْنِي عِلْمًا ର ଦୁଆରେ ପ୍ରତ୍ୟେକ ମୁହୂର୍ତ୍ତ ନିମଜ୍ଜିତ ରହିବା ଉଚିତ୍। ପୂର୍ବରୁ ହିଁ ଏହାର ନିର୍ଭରତା ଏବଂ ଚୈତନ୍ୟତା ସେହି ପ୍ରସଙ୍ଗ ସକାଶେ ଦକ୍ଷତାମୂଳକ ମାଣିକ୍ୟ ହୋଇଥାଆନ୍ତି। ଅତଏବ୍ ଈଶ୍ୱରଙ୍କ କୃପାରୁ ଐଶୀ ଜ୍ଞାନରେ ତାହାକୁ ବିସ୍ତୃତା ପ୍ରଦାନ କରାଯାଇଥାଏ ଓ ତା' ସମୟରେ ବା ତା' କାଳରେ ଅନ୍ୟ କୌଣସି ବ୍ୟକ୍ତି ଏପରି ହୋଇ ନଥାଏ ଯିଏ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟାତ୍ମ ପରିଚୟ ସଂପର୍କରେ ଜାଣିବା ଏବଂ କଲ୍ୟାଣ ଓ ପ୍ରାମାଣ୍ୟ ସାବ୍ୟସ୍ତ ଇତ୍ୟାଦିରେ ତା' ସହିତ ସମକକ୍ଷ ହେବ, ତାଙ୍କ (ଇମାମଙ୍କ)ର ସଠିକ୍ ମତ ଅନ୍ୟମାନଙ୍କର ଜ୍ଞାନ ର ସଂଶୋଧନ କରିଥାଏ । ଯଦି ଧାର୍ମିକ ସତ୍ୟତା ବର୍ଣ୍ଣନାରେ କୌଣସି ବ୍ୟକ୍ତିର ମତାମତ ତା' ମତ ବିରୁଦ୍ଧୀୟ ହୁଏ ତେବେ ସତ୍ୟ ତା' ସପକ୍ଷରେ ହୋଇଥାଏ । କାରଣ ସତ୍ୟଜ୍ଞାନ ସଂକ୍ରାନ୍ତରେ ଜାଣିବା ନିମନ୍ତେ ବୌଦ୍ଧିକତା ଆଲୋକ ସାହାଯ୍ୟ କରିଥାଏ । ସେହି ଆଲୋକ ସେହି ଜାଜୁଲ୍ୟମାନ ରଶ୍ମୀ ସହିତ ଅନ୍ୟମାନଙ୍କୁ ପ୍ରଦାନ କରାଯାଇ ନଥାଏ । وَذٰلِكَ فَضْلُ اللّٰهِ يُؤْتِيْهِ مَنْ । ସୁତରାଂ କୁକୁଡ଼ା ଯେପରି ଅଣ୍ଡାଗୁଡ଼ିକୁ ନିଜ ପର ତଳେ ନେଇ ସେହି ଅଣ୍ଡାଗୁଡ଼ିକରୁ ସନ୍ତାନ ଜନ୍ମ କରିଥାଏ । ପୁନଶ୍ଚ ସନ୍ତାନମାନଙ୍କୁ ପର ତଳେ ରଖି ନିଜର ଦକ୍ଷତା ସେମାନଙ୍କ ମଧ୍ୟରେ ପହଞ୍ଚାଇ ଦେଇଥାଏ । ଠିକ୍ ସେହିପରି ଉକ୍ତ ବ୍ୟକ୍ତି ନିଜର ଆଧାତ୍ମିକ ଜ୍ଞାନରୁ ସଙ୍ଗତ୍ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଶୈକ୍ଷିକ ଶୈଳୀରେ ରଙ୍ଗାୟିତ କରିଥାଏ ଏବଂ ବିଶ୍ୱାସ ଓ ଅଧ୍ୟାତ୍ମ ପରିଚୟରେ ଉନ୍ନତି କରିଥାଏ ।"

ପରିଶେଷରେ ଅଲ୍ଲାଃତାଲାଙ୍କ ପକ୍ଷରୁ ସହି ଉଦ୍ୟାନ ମାଳି ରୂପେ ବିବେଚିତ ହୋଇଥାଏ । ମାଳି ଉପରେ ଏହା ଅନିର୍ବାର୍ଯ୍ୟ ହୋଇଥାଏ ଯେ, ପ୍ରତ୍ୟେକ ଆପତ୍ତିକୁ ଦୂରୀଭୂତ କରିଦେଉ ଏବଂ ପ୍ରତ୍ୟେକ ଆପତ୍ତି କର୍ତ୍ତାର ମୁହଁ ବନ୍ଦି କରିଦେଉ । ବରଂ ଇସଲାମ୍ **(ଅବଶିଷ୍ଟାଂଶ... ପୃ-12ରେ)**

## (ଖୁତ୍‌ବା ଜୁମା)

ଉକ୍ତ କଥା ଉପରେ ଜମାଅତ୍ ଅହେମଦିୟା ଜର୍ମାନୀକୁ ଅଲ୍ଲାଃତାଲାଙ୍କ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଉକ୍ତ ଜଲ୍‌ସା ଯୋଗୁଁ ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ଲୋକମାନଙ୍କର ଉପରେ ପରିପ୍ରକାଶିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଜମାଅତ୍ ଅହେମଦିୟ ଜର୍ମାନୀର ଜଲ୍‌ସା ସାଲାନା ଗତ ସପ୍ତାହରେ ସଫଳତାର ସହିତ ନିଷ୍ପନ୍ନ ହେଲା, ସୁତରାଂ ସର୍ବ ପ୍ରଥମେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ସେ ଆମମାନଙ୍କୁ ଦୀର୍ଘ ଦିନର ଅବଧି ପରେ ବ୍ୟାପକ ସ୍ତରରେ ସାଧାରଣ ପରିସ୍ଥିତି ଅନୁଯାୟୀ ଜଲ୍‌ସା ଆୟୋଜନ କରିବାକୁ ସମାର୍ଥ୍ୟ ପ୍ରଦାନ କଲେ, ଅତଃ (ଆୟୋଜକ)ବ୍ୟବସ୍ଥାପିକାକୁ ମଧ୍ୟ ଓ ଜଲ୍‌ସାରେ ଅଂଶଗ୍ରହଣ କରିଥିବା ଅତିଥିମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ଯେଉଁ ଯେଉଁଠି ଅତିଥିମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ସେଠାରେ ଜଲ୍‌ସାର ବ୍ୟବସ୍ଥାପିକାର ଅଫିସରମାନେ ଦାୟି ଅଟନ୍ତି । ଅମୀର୍ ସାହେବଙ୍କୁ ବିଶେଷ କରି ଉକ୍ତ କଥାକୁ ନୋଟ୍ କରିବା ଉଚିତ୍, ଦେଖିବା ଉଚିତ୍ । କାରଣ ଏହା ତାଙ୍କର ମଧ୍ୟ ଦାୟିତ୍ୱ ଅଟେ । ଅନ୍ୟାନ୍ୟ ବ୍ୟବସ୍ଥାଜନିତ ପ୍ରସଙ୍ଗରେ ତ' ତ୍ରୁଟି ସହ୍ୟ ହୋଇ ଯାଇଥାଏ କିନ୍ତୁ ଜଲସା ଶୁଣିବାର ବ୍ୟବସ୍ଥାର କୌଣସି ତ୍ରୁଟିକୁ ବର୍ଦାସ୍ତ କରାଯାଇପାରିବ ନାହିଁ । ଏଠାରେ ମୁଁ ଏହା ଅବଲୋକନ କରିଛି ଯେ, ଯେଉଁଠି ଅଫିସରମାନେ ବିନମ୍ରତାର ସହିତ ଓ ପରିଶ୍ରମପୂର୍ବକ କାର୍ଯ୍ୟ କରୁଛନ୍ତି ସେଠାରେ ସମସ୍ତ ବିଭାଗ ଉତ୍କୃଷ୍ଟ ହୋଇଥାଏ ।

ପ୍ରତ୍ୟେକ ସେବକ, ପ୍ରତ୍ୟେକ ସହାୟକ କର୍ମୀ ଓ ଲଜ୍‌ନାର ପ୍ରତ୍ୟେକ ସଦସ୍ୟଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଛି ଯେ, ସେମାନେ ନିଜ ପକ୍ଷରୁ କଠିନ ପରିଶ୍ରମ କରିଛନ୍ତି । କିନ୍ତୁ ଅଫିସରମାନଙ୍କୁ ନିଜର ସଂଶୋଧନ ତଥା ସଂସ୍କାର କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ । ଉନ୍ନତି କଲାବାଲା ଜାତି ନିଜର ଦୋଷ ଦୁର୍ବଳତା ଉପରେ ନଜର ରଖନ୍ତୁ ତେବେ ଯାଇ ସଫଳତା ପ୍ରାପ୍ତ ହୋଇଥାଏ । ନିଃସନ୍ଦେହ ରୂପେ ଉକ୍ତ ଆୟୋଜନରେ ମୋତେ ଆଧ୍ୟାତ୍ମିକତା ରୂପେ ତୃପ୍ତି ଲାଭ ହୋଇଛି, ସମସ୍ତ ଗୋଷ୍ଠୀଗୁଡ଼ିକ, ଆବାଳ ବୃଦ୍ଧ ବନୀତାମାନେ ମଧ୍ୟ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଥିଲେ । ଏହି ଦିନମାନଙ୍କର ମୋତେ ଜମାଅତ୍ ଅହେମଦିୟା ସଂକ୍ରାନ୍ତରେ ଅନେକ ଚିତ୍ତାକର୍ଷକ, ରୋଚକ କଥା ଶିକ୍ଷା କରିବାକୁ ସୁଯୋଗ ପ୍ରାପ୍ତ ହେଲା । ଉଦାହରଣ ସ୍ୱରୂପ ସହନଶୀଳତା ଓ ବିରୋଧ ଏବଂ ମନାନ୍ତର ସତ୍ତ୍ୱେ ଅନ୍ୟମାନଙ୍କୁ ସ୍ୱୀକାର କରିବା। (ଡ଼କ୍ଟର ୱିର୍ ୱିନ୍‌କାସ୍ତୋଲିଲୁୱା) । ଉପସ୍ଥିତ ଖଲିଫାଙ୍କ ବିଭିନ୍ନ ବିଷୟ ବସ୍ତୁ ଉପରେ ପ୍ରଦତ୍ତ ଭାଷଣ ଓ ଉଦ୍‌ବୋଧନ ମୋତେ ଅତି ମାତ୍ରାରେ ପ୍ରଭାବିତ କରିଛି, ମ୍ୟାକ୍‌ଡ଼ୋନିୟାର ଜଣେ ସାମ୍ବାଦିକ ହେବା ହିସାବରେ ମୋତେ ଜଲ୍‌ସା ଅବସରରେ ଅନେକ ଅହେମଦି ମୁସଲମାନମାନଙ୍କ ସହିତ କଥାବର୍ତ୍ତା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି, ଅର୍ଥାତ୍ ଅହେମଦିମାନେ ସ୍ମିତହାସ୍ୟର ସହିତ ମୋ ସହିତ କଥାବାର୍ତ୍ତା କଲେ, ମୁଁ ଜଲ୍‌ସାର ସ୍ୱଚ୍ଛତା ଓ ସମସ୍ତ ଅଧୀନସ୍ଥ ଗୋଷ୍ଠୀରୁ ମୁଁ ବେଶ୍ ପ୍ରଭାବିତ ହୋଇଛି, ଆପଣଙ୍କର ମଟୋ (ଆଦର୍ଶ ଉକ୍ତି) ''**ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ**'' ପ୍ରକୃତ ରୂପେ ଦୃଶ୍ୟମାନ ହୋଇଥିଲା । ଏହି ଆଦର୍ଶ ଉକ୍ତି ଦ୍ୱାରା ହିଁ ଶାନ୍ତି ପ୍ରତିଷ୍ଠା ହୋଇପାରିବ । (ସିନା ଦ୍ରାସିମୋ ସାହେବ)

ଉକ୍ତ ସଂପୂର୍ଣ୍ଣ ଜଲ୍‌ସା ମୋ ମନରେ ଏକ ଗଭୀର ପ୍ରଭାବ ପକାଇଛି ଏବଂ ବିଶେଷ କରି ବୈଅତ୍ ଓ ନମାଜ୍ ସମୟରେ ମୁଁ ନିଜର ଭାବାବେଗକୁ ଆୟତ୍ତ କରିପାରିଲି ନାହିଁ, ସଂପୂର୍ଣ୍ଣ ବୈଅତ୍‌ର କାର୍ଯ୍ୟକ୍ରମ ସମୟରେ କାନ୍ଦୁଥିଲି । ସେହି ମୁହୂର୍ତ୍ତକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ । ଅର୍ଥାତ୍ କିପରି ସମସ୍ତ ଅହେମଦିମାନେ ଖଲିଫାଙ୍କ ହସ୍ତରେ ଏକ ପ୍ରାଣ ହୋଇ ବୈଅତ୍‌ରେ ସାମିଲ୍ ହେଲେ । (ମାର୍ଟିନା ସାହେବା, ସ୍ଲୋଭାକିଆ) । ଜଲ୍‌ସାରେ ସାମିଲ୍ ହୋଇ ମୁଁ ଇସ୍‌ଲାମୀୟ ଶିକ୍ଷା, ଅଲ୍ଲାଃତାଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ମର୍ଯ୍ୟାଦାର ପରିଚୟ ପ୍ରାପ୍ତ କଲି ଏବଂ ମୁଁ ଏହା ମଧ୍ୟ ଜାଣିବାକୁ ପାଇଲି ଯେ, ଇସ୍‌ଲାମ୍ ଧର୍ମ ବାସ୍ତବରେ ଏକ ଶାନ୍ତିପ୍ରିୟ ଧର୍ମ ଅଟେ । (ଉଣ୍ଡରସ୍କା, ସ୍ଲୋଭାକିଆ) ଏଠାରେ ମୁଁ ଜଲ୍‌ସାରେ ଇସ୍‌ଲାମ୍ ଦେଖିଲି, ଅନ୍ୟ ମୁସଲମାନମାନଙ୍କ ଅପେକ୍ଷା ଆପଣମାନଙ୍କ ନିକଟରେ ସ୍ୱଷ୍ଟ ପାର୍ଥକ୍ୟକାରୀ ବସ୍ତୁ ହେଉଛି ଖିଲାଫତ୍ । ଖିଲାଫତ୍ ଯୋଗୁଁ ଆପଣଙ୍କ ନିକଟରେ ଏକତା ମଧ୍ୟ ରହିଛି । (ପ୍ରଫେସର ଡକ୍ଟର ରଜିବ୍ ଶିକୋର୍ତ୍ତି ସାହେବ) । ମୋ ମସ୍ତିଷ୍କରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଙ୍କିତ ହୋଇଯାଇଛି ଯେ, ଜମାଅତ୍ ଅହେମଦିୟାଙ୍କ ଖଲିଫା କଲମର ଜିହାଦ୍ ପରିକଳ୍ପନା ଆମ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଏହାର ଶତ ପ୍ରତିଶତ ମୁଁ ପୁଷ୍ଟି କରୁଛି । (ଲିୟା ସାହେବା, ଜର୍ଜିଆ) । ମୁଁ ଖଲିଫାଙ୍କର ଉଦ୍‌ବୋଧନଗୁଡ଼ିକୁ ଧ୍ୟାନପୂର୍ବକ ଶୁଣିଲି ଓ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଆପଣମାନଙ୍କୁ ଅବଜ୍ଞାକାରୀ ବୋଲି କହିବା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ ଏବଂ ଆଦୌ ସମୀଚୀନ ନୁହେଁ । ଆପଣମାନେ ମଧ୍ୟ ଇସ୍‌ଲାମ୍ ଧର୍ମର ଅନ୍ୟ ସଂପ୍ରଦାୟଙ୍କ ପରି ଏକ ସଂପ୍ରଦାୟ ଅଟନ୍ତି । (ମିଷ୍ଟର ୱେସିଲ୍ ଜର୍ଜିଆ) ।

ମୋ ପାଇଁ ଜଲ୍‌ସା ସାଲାନା ଜ୍ଞାନର ସଂସାରରେ ଏପରି ଏକ ଉଦ୍ୟାନ ଅଟେ ଯାହାକି ସହଯୋଗୀତା, ଭ୍ରାତୃତ୍ୱତାକୁ ବୃଦ୍ଧି କରିଥାଏ । ତତ୍‌ସହିତ ଏହା ଏପରି ଏକ ଅବସର ଥିଲା ଯେଉଁଠି ଆପଣଙ୍କ ସଂପ୍ରଦାୟର ଦୃଷ୍ଟାନ୍ତନୀୟ କାର୍ଯ୍ୟ ଓ ଅହରହ ଉଦ୍ୟମକୁ ପ୍ରଦର୍ଶନ କରାଯାଇଛି ଯେ, କିପରି ଜମାଅତ୍ ଅହେମଦିୟା ସମାଜର ମଙ୍ଗଳ ତଥା ସମାଜର କଲ୍ୟାଣ ସାଧନ କରିବା ସକାଶେ ଯୋଜନା ପ୍ରସ୍ତୁତ କରୁଛି ଏବଂ ପଦକ୍ଷେପ ଗ୍ରହଣ କରୁଛି । (ଉନୀ ଜସ୍ମାରୀ ସାହେବ, କୋସୁୱୋ) । ମୁଁ ଜଲ୍‌ସାକୁ ଅତ୍ୟନ୍ତ ଧ୍ୟାନର ସହିତ ଶୁଣିଲି ଏବଂ ଲୋକମାନଙ୍କୁ ଦେଖିଲି ଏବଂ ଜମାଅତ୍ ଓ ଜମାଅତ୍ ଅହେମଦିୟାର ସେହି ବିଶେଷ ଗୁଣାବଳୀର ଚର୍ଚ୍ଚା କରିବି ଯାହା ବର୍ତ୍ତମାନ ଅନ୍ୟ ଧାର୍ମିକ ଜମାଅତ୍‌ରେ ଶେଷ ହେବାକୁ ବସିଲାଣି । ସେହି ବିଶେଷ ଗୁଣାବଳୀ ହେଉଛି ଅହେମାନଙ୍କର ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା । (ଆର୍ଜୁ କରୀମ୍ ସାହେବ, ତାଜାକିସ୍ତାନ) । ଜଲ୍‌ସାର ଦ୍ୱିତୀୟ ଦିନରେ ଅହେମଦିୟତ୍‌ର ସତ୍ୟତା ମୋ ମନରେ ବସା ବାନ୍ଧିନେଲା, ମୁଁ ବୈଅତ୍ କରିବାର ଇଚ୍ଛା ବ୍ୟକ୍ତ କଲି ଓ ଅଲ୍ଲାଃତାଲା ମୋତେ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । (ମୁହମ୍ମଦ୍ ଅଲୀ)ମୋ ନିମନ୍ତେ ଆଶ୍ଚର୍ଯ୍ୟକର କଥା ଏହା ଯେ, ଜଲ୍‌ସା ସାଲାନାରେ ବିଭିନ୍ନ ବର୍ଣ୍ଣର ଲୋକମାନେ ପରସ୍ପରକୁ ଆନନ୍ଦ ସହକାରେ ସାକ୍ଷାତ୍ କରନ୍ତୁ ଓ ସମସ୍ତେ ଏକ ପରିବାରର ସଦସ୍ୟଙ୍କ ପରି ପ୍ରେମର ସହିତ ପରସ୍ପରକୁ ଭେଟ କରନ୍ତୁ ଏବଂ ତିନି ଦିନ ମଧ୍ୟରେ ମୋତେ କୌଣସି ପ୍ରକାରର କଳହ, ସାଂପ୍ରଦିୟକତା ଦେଖିବାକୁ ମିଳିଲା ନାହିଁ । (ଦୱାଲା କ୍ୟାମରୁନର ମୁଖ୍ୟ ଇମାମ୍ ମହୋଦୟ) । ଇମାମ୍ ଜମାଅତ୍ ଏପରି ଶିକ୍ଷା ଉପସ୍ଥାପିତ କରିଛନ୍ତି ଯେ, ପ୍ରତ୍ୟେକ ମୁସଲମାନକୁ ନିଜ ଧର୍ମ ଉପରେ ଗର୍ବ କରିବା ଉଚିତ୍, ଆମେମାନେ ସମସ୍ତେ ବ୍ୟବହାରିକ ରୂପେ ଉକ୍ତ ଶିକ୍ଷାକୁ ସମଗ୍ର ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଉଚିତ୍ । (ଦୱାଲା କ୍ୟାମରୁନର ମୁଖ୍ୟ ଇମାମ୍ ମହୋଦୟ) ।

**ଜମାଅତ୍ ଅହେମଦିୟା ଜର୍ମାନୀକୁ ଜଲ୍‌ସା ସାଲାନା ସଂକ୍ରାନ୍ତରେ କେତେକ ଉପଦେଶାବଳୀ, ଜଲସା ଅବସରରେ ଆସିଥିବା ଅତିଥିମାନଙ୍କର ପ୍ରତିକ୍ରିୟା, ସେହିପରି ଗଣମାଧ୍ୟମ କଭରେଜର ଚର୍ଚ୍ଚା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 08 SEPTEMBER 2023 ମସିହା ଅନୁଯାୟୀ ୦୮ ତୁବୁକ୍ /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ବୈତୁସ୍ ସୁବୁହ୍ ଫ୍ରାଙ୍କଫୋର୍ଟ, ଜର୍ମାନୀ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَہٗ لَا شَرِيكَ لَہٗ وَأَشْهَدُ أَنَّ مُحَمَّدًا عَبْدُہٗ وَ رَسُوْلُہٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ
رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ
وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃପା ଓ ଉପକାର ଯେ, ଜମାଅତ୍ ଅହେମଦିୟା ଜର୍ମାନୀର ଜଲ୍‌ସା ବିଗତ

ସପ୍ତାହରେ ସଫଳତାର ସହିତ ନିଷ୍ପନ୍ନ ହେଲା । ସୁତରାଂ ସର୍ବପ୍ରଥମେ ଆମମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ସେ ଆମମାନଙ୍କୁ ଏତେ ଦୀର୍ଘ ଦିନର ଅବଧି ପରେ ବ୍ୟାପକ ସ୍ତରରେ ସାଧାରଣ ପରିସ୍ଥିତି ଅନୁଯାୟୀ ଜଲ୍‌ସା ସଲାନା ଆୟୋଜନ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ । ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥାପିକାଙ୍କୁ ମଧ୍ୟ ଓ ଅଂଶଗ୍ରହଣକାରୀମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ।

ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ଏକଥା ଉପରେ ବିଶେଷ ରୂପେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ସେ ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । ସେହିପରି ଅଂଶଗ୍ରହଣ କରିଥିବା ଅତିଥିମାନଙ୍କୁ ମଧ୍ୟ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ସେମାନେ ଜଲ୍‌ସା ଦିନମାନଙ୍କରେ ଅତିଥିମାନଙ୍କର ସେବା କରିବା ପାଇଁ ଉଦ୍ୟମ କରିଛନ୍ତି । ଏହି ବ୍ୟାପକ ବ୍ୟବସ୍ଥାରେ ଅନ୍ୟ ନୂତନ ସ୍ଥାନରେ ଅନେକ ଦୋଷ ଦୁର୍ବଳତା ଏବଂ ତ୍ରୁଟି ରହି ଯାଇଥାଇପାରେ । କେତେକ ଦୃଷ୍ଟିରୁ କେତେକ ଅତିଥିମାନଙ୍କୁ କଷ୍ଟ ମଧ୍ୟ ସହ୍ୟ କରିବାକୁ ପଡ଼ିବ ଓ ଅନ୍ୟ କେତେକ କଥା ଯାହାକି ମୋତେ ହସ୍ତଗତ ହୋଇଛି, ଅତିଥିମାନଙ୍କୁ କଷ୍ଟ ସହ୍ୟ କରିବାକୁ ମଧ୍ୟ ପଡ଼ିଥିବ । କିନ୍ତୁ ଧାର୍ମିକ ଉଦ୍ଦେଶ୍ୟ ନିମନ୍ତେ ଅତିଥିମାନେ ଆସିଥିଲେ । ଅତଃ ପ୍ରାୟତଃ ଅତିଥିମାନେ କୌଣସି ଅଭିଯୋଗ କରି ନାହାନ୍ତି । କିନ୍ତୁ ମୁଁ ଯେତେବେଳେ ଖବର ଜାଣିବା ନିମନ୍ତେ ଚେଷ୍ଟା କଲି ସେତେବେଳେ ମୁଁ ଏହା ଜାଣିବାକୁ ପାଇଲି ଯେ, କେତେକ ବ୍ୟବସ୍ଥା ସଠିକ୍ ନଥିଲା । କେତେକ ବ୍ୟବସ୍ଥା ମୁଁ ସ୍ୱୟଂ ଅନୁଭବ କରିଛି । ଯେପରିକି କର୍ମୀମାନଙ୍କର ପ୍ରସଙ୍ଗ, ସେମାନେ ପ୍ରାୟତଃ କଠିନ ପରିଶ୍ରମର ସହିତ ନିଜ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି । ସହଯୋଗୀ କର୍ମୀମାନେ ଅଛନ୍ତି କିମ୍ବା ଅନ୍ୟ କର୍ମୀମାନେ ଅଛନ୍ତି, ଯେଉଁଠି ସେମାନଙ୍କ ପକ୍ଷରୁ କୌଣସି ଦୁର୍ବଳତା ଏବଂ ତ୍ରୁଟି ବିଚ୍ୟୁତି ପ୍ରଦର୍ଶିତ ହେଲା କିମ୍ବା ସଂପୃକ୍ତ ବିଭାଗରେ କୌଣସି ତ୍ରୁଟି ତଥା ଦୁର୍ବଳତା ପ୍ରକାଶିତ ହେଲା ସେଠାରେ ପ୍ରାୟତଃ ସେହି ଉଚ୍ଚ ପଦସ୍ଥ ଅଫିସରମାନଙ୍କର ଭୁଲ ମାର୍ଗଦର୍ଶନ ଯୋଗୁଁହିଁ ହୋଇଥିଲା । ଅତଏବ୍ ଯେଉଁ ଯେଉଁଠି ଅତିଥିମାନଙ୍କୁ କଷ୍ଟ ସହ୍ୟ କରିବାକୁ ପଡ଼ିଲା ସେଠାରେ ଜଲ୍‌ସାର ବ୍ୟବସ୍ଥା କରିଥିବା ଆୟୋଜକ ଅଫିସରମାନେ ମଧ୍ୟ ଏଥି ନିମନ୍ତେ ଦାୟି ଅଟନ୍ତି । ଅମୀର ସାହେବଙ୍କୁ ବିଶେଷ ରୂପେ ଉକ୍ତ କଥାକୁ ନୋଟ୍ କରିବା ଉଚିତ୍ ଏବଂ ଦେଖିବା ଉଚିତ୍ । କାରଣ ଏହା ତାଙ୍କର ମଧ୍ୟ ଦାୟିତ୍ୱ ଅଟେ। ତାଙ୍କୁ ଇସ୍ତିଗଫାର କରିବା ଉଚିତ୍ ଓ ନିଜର ଦୋଷ ଦୁର୍ବଳତାକୁ ନିଜର ଲାଲ୍ ପୁସ୍ତକ ମଧ୍ୟରେ ଲିପିବଦ୍ଧ କରି ସଂଶୋଧନ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଏହା ମଧ୍ୟ ଦେଖିବା ଉଚିତ୍ ଯେ, ଏଠାରେ ଭବିଷ୍ୟତରେ ସୁବ୍ୟବସ୍ଥା ମଧ୍ୟ କରିପାରିବେ । ନା ଅବା ଅନ୍ୟ ଆଡ଼େ ବ୍ୟବସ୍ଥା କରାଯାଉ ।

ପ୍ରାୟତଃ କେତେକ ସମସ୍ୟା ଓ ଅସୁବିଧାର ବେଳେବେଳେ ସମ୍ମୁଖୀନ ହେବାକୁ ପଡ଼ିଲା । ସେହି କାରଣ ଓ ସମସ୍ୟା ଏହିପରି ଅଟେ ଯଥା- କେହି ଅତିଥି ବନ୍ଧୁ ମୋତେ ଲେଖିଲେ ଯେ, escalator (ଚଳନଶୀଳୀ ଶିଢୀ ବା ପାହାଚ) ଖରାପ ଥିଲା, ଉପରକୁ ଓ ତଳକୁ ଯାଆ ଆସ କରିବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଲିଫ୍ଟ ସଠିକ୍ ଭାବରେ କାମ କରୁ ନଥିଲା । ଯଦ୍ଦ୍ୱାରାକି ସମସ୍ୟା ଉପୁଜି ଥିଲା । ରହଣୀ ନିମନ୍ତେ ବାସ ସ୍ଥାନ ତ' ପ୍ରଦାନ କରିଦିଆଗଲା କିନ୍ତୁ ସ୍ନାନାଗାରର ଅଭାବ ଥିଲା । କିମ୍ବା ଜଳର ସଠିକ୍ ବ୍ୟବସ୍ଥା ନଥିଲା । କାର୍ଲସ୍‌ରୋୱେରେ । ଯେତେବେଳେ ସେ ଜାଗା ନେଇଥିଲେ ସେତେବେଳେ ସେ ସେଠାରେ ପ୍ରାରମ୍ଭିକ କାଳରେ ଏହି ଲୋକମାନେ ମୋତେ ନେଇ ଯାଇଥିଲେ ଏବଂ ମୁଁ ଏହି ସ୍ଥାନକୁ ଦେଖିଥିଲି ଓ ସେଠାରେ ସେମାନଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲି ଯେ, ସ୍ନାନାଗାର ଏବଂ ଜଳ ବ୍ୟବସ୍ଥା ସଠିକ୍ ହେବା ଉଚିତ୍ । ଏହିପରି ଭାବରେ ସେଠିକାର ବିଭିନ୍ନ ସ୍ଥାନମାନଙ୍କରେ ଛିଡ଼ା ହୋଇ ମୁଁ ସ୍ୱରକୁ  ଚେକ୍ କରିଥିଲି ଏବଂ ସେଠାରେ ହଲ୍‌ଗୁଡ଼ିକ ବହୁତ ଛୋଟିଆ ଛୋଟିଆ ଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅନେକ ତ୍ରୁଟି ପରିଲକ୍ଷିତ ହେଉଥିଲା । ଏହି ତ୍ରୁଟିର ସମାଧାନ କରିବା ନିମନ୍ତେ ଉଦ୍ୟମ କରାଗଲା ଏବଂ କିଛିଟା ସମସ୍ୟାର ସମାଧାନ ମଧ୍ୟ ହେଲା । କିନ୍ତୁ ଏଠାରେ ସେହି କଥାକୁ ସଠିକ୍ ଭାବରେ ଦେଖିଲେ ନାହିଁ । ମୋତେ ଏଥର ସେହି ସ୍ଥାନ ସଂପର୍କରେ ବିସ୍ତୃତ ବିବରଣୀ ତ' ସେମାନେ ପ୍ରଦାନ କଲେ ନାହିଁ । କେବଳ ପ୍ରଶଂସାପୂର୍ଣ୍ଣ ରିପୋର୍ଟସ୍ ପ୍ରେରଣ କରୁଥିଲେ ଯେ, ଉକ୍ତ ସ୍ଥାନଟି ବହୁତ ଭଲ ସ୍ଥାନ ଅଟେ । ସେହିପରି ବେଳେବେଳେ ଅଫିସରମାନଙ୍କର ଭୁଲ୍ ମାର୍ଗଦର୍ଶନ ଯୋଗୁଁ ସିକ୍ୟୁରିଟିବାଲା (ସୁରକ୍ଷକର୍ମୀ) ଅକାରଣରେ ବାଧା ସୃଷ୍ଟି କରୁଥିଲେ । ସାମୂହିକ ରୂପେ ସେମାନେ ଭଲ କାମ କରିଛନ୍ତି । କିନ୍ତୁ କେତେକ ସ୍ଥାନରେ ବ୍ୟକ୍ତିଗତ ଭବାରେ ଏପରି କଥା ହୋଇଛି ଏବଂ ଏହି କାରଣରୁ ଲଜ୍‌ନାମାନଙ୍କୁ ଅଭିଯୋଗ ଏବଂ ଅଭିମାନ ରହିଛି ଯେ, ସେଠାରେ ଲଜ୍‌ନା ପକ୍ଷରୁ ଖାଦ୍ୟ ପହଞ୍ଚାଇବାରେ ସମସ୍ୟା ସୃଷ୍ଟି ହେଉଛି ।

ସିକ୍ୟୁରିଟିବାଲାଙ୍କୁ ମଧ୍ୟ ଏକଥା ସ୍ମରଣ ରଖିବା ଉତଚିତ୍ ଯେ, ସେମାନଙ୍କର କାମ କେବଳ ଅଟକାଇବା ନୁହେଁ ବରଂ ମାର୍ଗଦର୍ଶନ କରିବା ମଧ୍ୟ ସେମାନଙ୍କର କାର୍ଯ୍ୟ ଅଟେ । ଏହି ବିଭାଗର ଏପରି ଏକ ଟିମ୍ (ଦଳ) ହେବା ଉଚିତ୍ ଯିଏ ଅତିଥିମାନଙ୍କୁ ସୁବିଧା ନିମନ୍ତେ ନିର୍ଦ୍ଦିଷ୍ଟ ତଥା ସଠିକ୍  ସ୍ଥାନରେ ପହଞ୍ଚାନ୍ତୁ ଏବଂ ସେମାନଙ୍କ ସକାଶେ ସୁବିଧା ଉପଲବ୍ଧ କରନ୍ତୁ ।

ସେହିପରି ଅନୁବାଦ ସଂକ୍ରାନ୍ତରେ ଲଜ୍‌ନା ପକ୍ଷରୁ ପ୍ରଥମ ଦିନେ ସମସ୍ୟାର ସମ୍ମୁଖୀନ ହେବାର ରିପୋର୍ଟ ପ୍ରାପ୍ତ ହେଲା ଏବଂ ଏକଥା ମୋତେ ଲଜ୍‌ନାମାନେ କହି ନାହାନ୍ତି ବରଂ ଆମ ଏମ୍.ଟି.ଏର ଟ୍ରାନ୍‌ସଲେସନ ବିଭାଗ ମଧ୍ୟ କହିଛି ଯେ, ଅନୁବାଦ ସଠିକ୍ ଭାବରେ ହେଉ ନଥିଲା । ପରବର୍ତ୍ତୀ ସମୟରେ ବାହାରୁ ଆସିଥିବା କେତେକ ଅତିଥିମାନେ ଅଭିଯୋଗ କଲେ ଯେ, ଅନୁବାଦ ଉପଲବ୍ଧ ନହେବା ଯୋଗୁଁ ଆମେମାନେ ଖୁତ୍‌ବା ଶୁଣି ପାରିଲୁ ନାହିଁ । ସ୍ୱରର ସମସ୍ୟା ପୁରୁଷ ହଲ୍‌ରେ ବିଶେଷ କରି ରହିଥିଲା ଏବଂ ଏଥି ନିମନ୍ତେ ମୁଁ ଜଲ୍‌ସା ସମୟରେ ମଧ୍ୟ ଆୟୋଜକଙ୍କ ଧ୍ୟାନ ଆକର୍ଷଣ କରୁଥିଲି । ଅଫିସର ଜଲ୍‌ସା ସାଲାନା ଏବଂ ଅଫିସର ଜଲ୍‌ସା ଗାହ୍ ଓ ଅନ୍ୟାନ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଲୋକମାନେ ହିଁ ଏଥିନିମନ୍ତେ ଦାୟି ଅଟନ୍ତି। ଲୋକମାନେ ଏଠାକୁ ଜଲ୍‌ସା ଶୁଣିବାକୁ ଆସୁଛନ୍ତି । ଯଦି ସେମାନଙ୍କୁ ଜଲ୍‌ସା ଶୁଣାଇବାର ସଠିକ୍ ବ୍ୟବସ୍ଥା ହୋଇ ନାହିଁ ତାହାହେଲେ ଜଲ୍‌ସାର କୌଣସି ଲାଭ ନାହିଁ । ଅନ୍ୟାନ୍ୟ ବ୍ୟବସ୍ଥା ଜନିତ ପ୍ରସଙ୍ଗରେ ତ' ତ୍ରୁଟି ସହ୍ୟ କରିନିଆଯିବ । କିନ୍ତୁ ଜଲସା ଶୁଣିବାର ବ୍ୟବସ୍ଥାରେ କୌଣସି ତ୍ରୁଟି ଏବଂ ସମସ୍ୟାକୁ କଦାପି ବର୍ଦାସ୍ତ କରାଯାଇ ପାରିବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ ଜଲସା ସଂପର୍କରେ ମନ୍ତବ୍ୟ ପ୍ରଦାନ କରି କୁହନ୍ତି: "ଏହି ଜଲ୍‌ସା କୌଣସି ସାଂସାରିକ ମେଳା ନୁହେଁ ।" **(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ-6, ପୃ-395)** ଯେଉଁଠି ଲୋକମାନେ ଏକତ୍ରିତ ହୋଇଯିବେ ଏବଂ ମୋର ଅଭିପ୍ରାୟ ଲୋକମାନଙ୍କୁ ଏକତ୍ରିତ କରିବା ନୁହେଁ । ବରଂ ଲୋକମାନଙ୍କୁ ନିଜର ଶ୍ରେଷ୍ଠତା ସଂପର୍କରେ ଅବଗତ କରାଇବା । କିନ୍ତୁ ଶବ୍ଦ ନଆସିବା ହେତୁ କେତେକ ସ୍ଥାନରେ ପଛରେ ମେଳାର ହଲ୍ ଥିଲା । ମୁଁ ଦେଖିଲି କେତେକ ଲୋକମାନେ ଏହାର ଭିଡ଼ିଓ କରିନେଇଛନ୍ତି । ଜଲ୍‌ସାର କୌଣସି ପରିବେଶ ଦୃଶ୍ୟମାନ ହେଉ ନଥିଲା । ମୋ ଆକଳନ ଅନୁଯାୟୀ ଅନ୍ତତଃ ସାତ ଆଠ ହଜାର ବ୍ୟକ୍ତିମାନେ ଏପରି ଅଟନ୍ତି ଯେଉଁମାନେ ସଠିକ୍ ଭାବରେ ଜଲସା ଶୁଣି ନାହାନ୍ତି । ମୁଁ ଆୟୋଜକଙ୍କୁ ଏହାର ଦୋଷୀ ବିବେଚିତ କରୁଛି ଯେ, ଅତିଥିମାନେ କଥାବାର୍ତ୍ତା କରୁଥିଲେ । କିନ୍ତୁ ମୋ ନିକଟରେ ଅଫିସର ଜଲ୍‌ସା ଗାହ୍ ଓ ସାଉଣ୍ଡ ସିଷ୍ଟମ୍‌ବାଲା ତଥା ତର୍ବିୟତ୍ ବାଲା ଏଥି ନିମନ୍ତେ ଦାୟି ଅଟନ୍ତି । ସେମାନଙ୍କୁ ଉକ୍ତ କଥା ଉପରେ ଧ୍ୟାନ ଦେବା ଉଚିତ୍ । ଏହି ଅବସ୍ଥାକୁ ଦେଖି ମୋତେ ଲଜ୍ଜା ଲାଗିଲା, ଆଶା କରୁଛି ଯେ, ସେମାନେ ମଧ୍ୟ ଲଜ୍ଜିତ ହୋଇଥିବେ । ଲୋକମାନେ ଯଦି କଥାବାର୍ତ୍ତା କରୁଥିଲେ ତାହାହେଲେ ସଂସ୍କାରର ଘୋର ଅଭାବ ରହିଛି ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ଏବଂ ମୁବଲ୍ଲିଗ୍ ସିଲସିଲା ଏଥି ନିମନ୍ତେ ଦାୟି ଅଟନ୍ତି । କାରଣ ସେମାନେ କାହିଁକି ବର୍ଷ ସାରା ସଂସ୍କାର କରୁ ନାହାନ୍ତି ଏବଂ ଲୋକମାନଙ୍କ ସଭା ସମିତିର ପବିତ୍ରତାର ଭାବନା ଉତ୍ପନ୍ନ କରୁ ନାହାନ୍ତି । ତେଣୁ ଲୋକମାନଙ୍କ ଉପରେ ଦୋଷ ଲଦି ଦିଅନ୍ତୁ ନାହିଁ ।

ଅହେମଦିର ଯଦି ଧ୍ୟାନ ଆକର୍ଷଣ କରାଯାଏ ତେବେ ପ୍ରାୟତଃ ସକାରାତ୍ମକ ପ୍ରତିକ୍ରିୟା ପ୍ରଦର୍ଶନ କରିଥାନ୍ତି । ଏହି ଲୋକମାନେ ତ' ଜଲ୍‌ସାକୁ ଆସିଥିଲେ ଏବଂ ଏହା କଦାପି ହୋଇପାରିବ ନାହିଁ ଯେ, ସେମାନଙ୍କର ଧ୍ୟାନ ଆକର୍ଷଣ ସତ୍ତ୍ୱେ ସେମାନଙ୍କର ତୁରନ୍ତ ସଂସ୍କାର ହୋଇ ନଥିବ । ସେ ଯାହା ହେଉ ନା କାହିଁକି ନିଜର ଦୋଷ ଦୁର୍ବଳତା ରହିଥିଲା । ଯଦ୍ଦ୍ୱାରାକି ଅନ୍ୟାନ୍ୟ ଦୁର୍ବଳତା ସୃଷ୍ଟି ହେଲା । ମୁଁ ଦେଖିଛି ଯେ, ଯେଉଁ ଯେଉଁଠି ଅଫିସର ବିନମ୍ରତାପୂର୍ବକ ଓ କଠିନ୍ ପରିଶ୍ରମ ସହକାରେ କାର୍ଯ୍ୟ କରିଥାନ୍ତି ସେଠାରେ ବିଭାଗ ଉନ୍ନତି ଏବଂ ଅଧିକ ଶୃଙ୍ଖଳିତ ହୋଇଥାଏ । ଅନ୍ୟଥା ସାଧାରଣ କର୍ମୀମାନଙ୍କୁ ଭଲ କାମ ମଧ୍ୟ କରିବା କଥା ସେମାନେ ଅଫିସରଙ୍କ ଯୋଗୁଁ ସଠିକ୍ ଭାବରେ କାମ କରି ପାରନ୍ତି ନାହିଁ । ଏଣୁ ମୁଁ କର୍ମୀମାନଙ୍କୁ ଅଭିଯୋଗ କରୁ ନାହିଁ। ପ୍ରତ୍ୟେକ ସେବକ, ପ୍ରତ୍ୟେକ ସହାୟକ ବ୍ୟକ୍ତି ଓ ପ୍ରତ୍ୟେକ ଲଜ୍‌ନାର ସଦସ୍ୟାଙ୍କ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ମୁଁ କୃତଜ୍ଞତା ଜ୍ଞାପନ କରୁଛି ଯେ, ସେମାନେ ନିଜ ନିଜ ତରଫରୁ ବେଶ ପରିଶ୍ରମ କରିଛନ୍ତି । କିନ୍ତୁ ଅଫିସରମାନଙ୍କୁ ନିଜର ସଂଶୋଧନ ପ୍ରତି ଧ୍ୟାନ ଦେବା ଉଚିତ୍ ।

ମୁଁ ପୂର୍ବେ ମଧ୍ୟ ଚର୍ଚ୍ଚା କରିଥିଲି ଯେ, ଏଥର ମହିଳାମାନଙ୍କ ମଧ୍ୟରେ ପୁରୁଷମାନଙ୍କ ତୁଳନାରେ ଅଧିକ ଶୃଙ୍ଖଳା କଛିଟା ଭଲ ମୋତେ ଦୃଶ୍ୟମାନ ହୋଇଛି । ତହିଁରୁ ଏହା ପ୍ରକାଶ୍ୟ ହୁଏ ଯେ, ପୁରୁଷର ତର୍ବିୟତ୍ (ସଂସ୍କାର ବିଭାଗକୁ) ନିଜ ସଂପର୍କରେ ଚିନ୍ତା କରିବା ଉଚିତ୍ ।

ଯେତେବେଳେ ବିକାଶଶୀଳ ଜାତି ନିଜର ଦୁର୍ବଳାତ ଉପରେ ଦୃଷ୍ଟି ନିବଦ୍ଧ ରଖନ୍ତି ସେତେବେଳେ ସେମାନେ ସାଫଲ୍ୟମଣ୍ଡିତ ହୋଇଥାଆନ୍ତି । ସବୁ କିଛି ଭଲ ଅଛି । ଏହା କହି ଉନ୍ନତିର ମାର୍ଗ ବନ୍ଦ କରି ଦିଅନ୍ତୁ ନାହିଁ ଓ ନା ହିଁ ତହିଁରେ ଲଜ୍ଜାର କୌଣସି କଥା ରହିଛି । ଅଲ୍ଲାଃତାଲା ବିଭିନ୍ନ ବିଭାଗର ଅଫସରମାନଙ୍କୁ ନିଜ ନିଜର ସଂସ୍କାର ଓ ସଂଶୋଧନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ସେ ଯାହା ହେଉ ନା କାହିଁକି ଏହି ସମସ୍ତ ଦୋଷ ଦୁର୍ବଳତା ସତ୍ତ୍ୱେ ଅଲ୍ଲାଃତାଲାଙ୍କ ଆମମାନଙ୍କ ଉପରେ ଏହି ମହୋପକାର ରହିଛି ଯେ, ସେ ଆମମାନଙ୍କର ଦୋଷ ଦୁର୍ବଳତାକୁ ଲୁଚାଇଲେ ଏବଂ ଏଠାକୁ ଆସିଥିବା ଅଣଅହେମଦି ଅତିଥିମାନେ ପ୍ରାୟତଃ ଜଲ୍‌ସାର ବହୁତ ସକାରାତ୍ମକ ପ୍ରଭାବ ଗ୍ରହଣ କରିଛନ୍ତି ଏବଂ ଯେପରିକି ମୁଁ କହିଲି କି ଯଦି ଜଲ୍‌ସା ସାଲାନା ସଫଳ ହେଲା ତେବେ ଏହି କାରଣରୁ ସଫଳ ହୋଇଛି ଯେ, ଅଲ୍ଲାଃତାଲାଙ୍କର ଦୋଷ ଦୁର୍ବଳତା ସବୁଠି ବେଶୀ କାର୍ଯ୍ୟ କରିଛି ଏବଂ ଏଭଳି ଅସାଧାରଣ ମନ୍ତବ୍ୟ ସେହି ଲୋକମାନେ ଦେଇଛନ୍ତି ।

ସେହିପରି ସଂସାରରେ ଯେଉଁଠି ଏମ.ଟି.ଏ ମାଧ୍ୟମରେ ଜଲ୍‌ସାର ପ୍ରସାରଣ କରାଯାଇଥିଲା ସେମାନେ ମଧ୍ୟ ଜଲ୍‌ସାର ସାମୂହିକ ଢଙ୍ଗରେ ପ୍ରଶଂସା କରିଛନ୍ତି । ବର୍ତ୍ତମାନ ମୁଁ କେତେକ ଅତିଥିମାନଙ୍କର ପ୍ରିତିକ୍ରିୟାମୂଳକ ମନ୍ତବ୍ୟ ମଧ୍ୟ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବି । ସାଧାରଣତଃ ଅତିଥିମାନେ ଅତ୍ୟନ୍ତ ସୁଚିନ୍ତାଧାରାର ପରିପ୍ରକାଶ କରିଛନ୍ତି । ସୁତରାଂ ଉକ୍ତ କଥା ଉପରେ ଜମାଅତ୍ ଅହେମଦିୟା ଜର୍ମାନୀକୁ ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ସେ ଏହି ଜଲସା ଯୋଗୁଁ ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ଲୋକମାନଙ୍କ ସମ୍ମୁଖରେ ପରିପ୍ରକାଶିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ।

ବୁଲ୍‌ଗେରିୟାରୁ ଆଗତ ଜନୈକା ଖ୍ରୀଷ୍ଟ ମହିଳା ଯାହାଙ୍କ ନାମ ହେଲା ଡକ୍ଟର ୱିରୱିନି କାସ୍ତୋଇଲୋଭା (Veronika Stoilova) ଯେକି ବୃତ୍ତିରେ ଓକିଲ ଅଟନ୍ତି ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ପି.ଏଚ୍.ଡ଼ି ଉପାଧି ପ୍ରାପ୍ତ ଅଟନ୍ତି, ସେ କୁହନ୍ତି: ଏପରି ସର୍ବୋତ୍କୃଷ୍ଟ ଶୃଙ୍ଖଳିତ ଜଲ୍‌ସା ଆୟୋଜନ କରାଗଲା । ମୁଁ ଯେଉଁ ବ୍ୟକ୍ତିର ଚେହେରାକୁ ବି ଦେଖିଲି କାହାରି ଚେହେରାରେ ବିବ୍ରତ ଏବଂ କ୍ରୋଧର ଲକ୍ଷଣ ଦେଖିବାକୁ ପାଇଲି ନାହିଁ । ସମସ୍ତ ଲୋକମାନେ ଅତ୍ୟନ୍ତ ନିଷ୍ଠା ତଥା ପ୍ରତ୍ୟେକ ପ୍ରକାରର ଓ ପ୍ରତ୍ୟେକ ସମୟ ସାହାଯ୍ୟ କରିବା ନିମନ୍ତେ ତତ୍ପର ପ୍ରତୀୟମାନେ ହେଉଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ଅବସ୍ଥା ଉପରେ କୃତଜ୍ଞତା ଜ୍ଞାପନ କରୁଥିଲା । ନିଃସନ୍ଦେହ ଉକ୍ତ ସମ୍ମିଳନୀ ମୋତେ ଆଧ୍ୟାତ୍ମିକତା ରୂପେ ପୁନର୍ଜୀବିତ ଓ ସେଚିତ କରିଛି । ସମସ୍ତ ଅଧୀନସ୍ତ ଗୋଷ୍ଠୀ ଏବଂ ଆବାଳ ବୃଦ୍ଧ ବନୀତାମାନେ ଶୃଙ୍ଖଳିତ ଏବଂ ମାର୍ଜିତ ଓ ବ୍ୟବସ୍ଥିତି ଥିଲେ । ଏହି ଦିନମାନଙ୍କର ମୋତେ ଜମାଅତ୍ ଅହେମଦିୟା ସଂକ୍ରାନ୍ତରେ ଅନେକ ଚିତ୍ତାକର୍ଷକ, ରୋଚକ କଥା ଶିକ୍ଷା କରିବାକୁ ସୁଯୋଗ ପ୍ରାପ୍ତ ହେଲା । ଉଦାହରଣ ସ୍ୱରୂପ ସହନଶୀଳତା ଓ ବିରୋଧ ଏବଂ ମନାନ୍ତର ସତ୍ତ୍ୱେ ଅନ୍ୟମାନଙ୍କୁ ସ୍ୱୀକାର କରିବା ଇତ୍ୟାଦି । ନିଃସନ୍ଦେହ ମୁଁ ଉକ୍ତ କଥାରୁ ବେଶ୍ ପ୍ରଭାବିତ ହୋଇଛି ଯେ, ବର୍ଲିନ୍ ମସ୍‌ଜିଦ୍ ପାଇଁ ଅହେମଦି ମହିଳାମାନେ ନିଜର ଗହଣା ଏବଂ ଟଙ୍କା ପଇସା ଦେଇ ନିର୍ମାଣ କରିଛନ୍ତି । ମହିଳାମାନଙ୍କର ବ୍ୟବସ୍ଥା ମୋତେ ବହୁତ ଭଲ ଲାଗିଲା । ମୁଁ ଅନେକ ଜଲ୍‌ସାକୁ ଯାଇଛି ହେଲେ ଏହା କହିପାରିବି ଯେ, ଉକ୍ତ କଥା ମୁଁ ଅନ୍ୟ କେଉଁଠି ଦେଖିବାକୁ ପାଇ ନାହିଁ । ଏପରି ଉଦାହରଣ ଖୁବ୍ କ୍ୱୋଚିତ ବ୍ୟକ୍ତି ଓ କ୍ୱୋଚିତ ସଂପ୍ରଦାୟ ହିଁ ସ୍ଥାପନ କରିପାରିବ । ପୁନଶ୍ଚ ହୁଜୁର ଅନୱର୍ ଅ.ବ କହିଲେ, ମୋ ଭାଷଣ ସଂକ୍ରାନ୍ତରେ ସେ ଉଲ୍ଲେଖ କଲେ ଯେ, ଆଧ୍ୟାତ୍ମିକତା, ମାନବିକତା ଏବଂ ଶାନ୍ତି ପରି ବିଚାରଧାରା ମୋତେ ଅତି ମାତ୍ରାରେ ପ୍ରଭାବିତ କରିପାରିଛି । ମୋ ମତରେ ଆମେମାନେ ସମସ୍ତେ ସର୍ବ ପ୍ରଥମେ ମନୁଷ୍ୟ ଅଟୁ, ତା' ପରେ ଦେଶର ନାଗରିକ ଓ ପୁଣି ପରୋଧର୍ମ ସହନଶୀଳତା ବା ସହିଷ୍ଣୁତା ଭାବରେ ଏକ ଅଂଶବିଶେଷ ମାତ୍ର । ଆମମାନଙ୍କୁ ନିଜ ମଧ୍ୟରେ ସାମୂହିକ ବସ୍ତୁକୁ ଖୋଜିବା ଉଚିତ୍ । କାରଣ ଭିନ୍ନତା ଯେପରି ଆମମାନଙ୍କୁ ପରସ୍ପର ଠାରୁ ଭିନ୍ନ ନକରିଦେଉ ।

ସେହିପରି ବୁଲଗେରିୟାରୁ ଆଗତ ଜନୈକା ମହିଳା ଯାହାଙ୍କ ନାମ ହେଲା ନତାଲିୟା ସାହେବା । ସେ ପ୍ରଥମ ଥର କରି ଜଲ୍‌ସା ସାଲାନାରେ ସାମିଲ ହୋଇଥିଲେ । ସେ କୁହନ୍ତି: "ଉକ୍ତ ଜଲ୍‌ସାଟି ମୋ ମସ୍ତିଷ୍କରେ ସବୁଦିନ ପାଇଁ ଅଙ୍କିତ ହୋଇ ରହିବ । ମୁଁ ପ୍ରଥମ ଥର ପାଇଁ ସହସ୍ର ସହସ୍ର ମୁସଲମାନମାନଙ୍କୁ ଏକାଠି ଉପାସନା କରୁଥିବାର ଅବଲୋକନ କଲି । ଏହା ବେଶ୍ ସୁନ୍ଦର ଦୃଶ୍ୟ ଥିଲା । ମୁଁ ଜଣେ ଖ୍ରୀଷ୍ଟ ମହିଳା ଅଟେ ଏବଂ ଏହିପରି ଜଲ୍‌ସାରେ ପ୍ରଥମ ଥର କରି ସାମିଲ୍ ହୋଇଛି । ସମସ୍ତ ଲୋକମାନେ ଆମମାନଙ୍କ ସହିତ ଅତ୍ୟନ୍ତ ସମ୍ମାନପୂର୍ବକ ଏବଂ ଅତ୍ୟନ୍ତ ଶିଷ୍ଟତା ପ୍ରଦର୍ଶନ କରୁଥିଲେ । ଏହା ଏକ ବିଚିତ୍ରପୂର୍ଣ୍ଣ ଆନନ୍ଦଦାୟକ ଅନୁଭୂତି ପ୍ରଦାନ କରିଛି । ଜଲ୍‌ସାର ଉଦ୍‌ଯାପନୀ ଭାଗଟି ବହୁତ ଭଲ ଲାଗିଲା । ଉକ୍ତ ଭାଗରେ ଉପସ୍ଥିତ ଖଲିଫାଙ୍କର ଭାଷଣ ଅତ୍ୟନ୍ତ ଶିକ୍ଷଣୀୟ ଥିଲା । ଯେଉଁ କଥା ମୋତେ ସବୁଠି ବେଶୀ ପ୍ରଭାବିତ କଲା ତାହା ଏହା ଥିଲା ଯେ, ସମସ୍ତ ଲୋକମାନେ ଆମମାନଙ୍କୁ ଏପରି ସମ୍ମାନ ଜଣାଉଥିଲେ ଯେପରି ଆମେମାନେ ଅତି ବିଶିଷ୍ଟ ଲୋକ ଅଟୁ । ଡିୟୁଟିରେ ଉପସ୍ଥିତ ଲୋକମାନେ ଉକ୍ତ କଥାକୁ ସୁନିଶ୍ଚିତ କରିବାକୁ ସଂପୂର୍ଣ୍ଣ ପ୍ରୟାସ କରୁଥିଲେ ଯେ, କୌଣସି ଅତିଥିଙ୍କୁ କୌଣସି ପ୍ରକାରର ଅସୁବିଧା ଏବଂ ସମସ୍ୟାର ସହ୍ୟ କରିବାକୁ ନପଡୁ । ମହୋଦୟ ପୁନଶ୍ଚ କୁହନ୍ତି, ପ୍ରଥମ ଦିନରେ ଆମକୁ ଅନୁବାଦ ଦୃଷ୍ଟିରୁ ଟିକିଏ ଅସୁବିଧା ହେଲା (ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟା ଅତ୍ୟନ୍ତ ଗୁପ୍ତ ଢଙ୍ଗରେ ଏବଂ ଗୁପ୍ତ ଶବ୍ଦରେ ଅଭିଯୋଗ କରିଛନ୍ତି ।) କିନ୍ତୁ ମୁଁ ଆଦୌ ଖୁତ୍‌ବା ଶୁଣି ପାରିଲି ନାହିଁ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଅସୁବିଧା ଦୂରୀଭୂତ ହୋଇଥିଲା ।"

ପୁନଶ୍ଚ ମ୍ୟାକ୍‌ଡ଼ୋନିୟାର (Ljubinka Ajtovska) ଲିଉବିନ୍‌କା ଅୟତୋଓସ୍କା ନାମକ ଜନୈକା ଖ୍ରୀଷ୍ଟ ସାମ୍ବାଦିକା କୁହନ୍ତି, "ଜଲ୍‌ସା ସାଲାନର ବ୍ୟବସ୍ଥା ଅତ୍ୟନ୍ତ ଉଚ୍ଚ ସ୍ତରୀୟ ଥିଲା । ଏହା ମୋ ନିମନ୍ତେ ବିଶେଷ ପ୍ରକାରର ସମ୍ମାନ ଓ ଯଶ ଅଟେ । କାରଣ ମୁଁ ଏତେ ବଡ଼ ଏବଂ ଶୃଙ୍ଖଳିତ କାର୍ଯ୍ୟକ୍ରମର ଅଂଶ ହୋଇ ପାରିଛି ଯହିଁରେ ବିଭିନ୍ନ ଧର୍ମର ଲୋକମାନେ ଏବଂ ସଂପ୍ରଦାୟର ଲୋକମାନେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କଥା ସେହି ଶ୍ଲୋଗାନ୍‌ର ପୁଷ୍ଟିକର୍ତ୍ତା ଅଟେ ଯେ, କେବଳ ପ୍ରେମ ହିଁ ସଂସାରକୁ ଏକ ଉତ୍କୃଷ୍ଟ ସ୍ଥାନ ରୂପେ ଗଢି ପାରିବ ।"

ସେହିପରି ମ୍ୟାକ୍‌ଡୋନିୟାରୁ (Senad Rasimov) ସିନାଦ୍ ରାସିମୋଭ୍ ସାହେବ ନାମକ ଆଉ ଜଣେ ସାମ୍ବାଦିକ କୁହନ୍ତି; "ଉପସ୍ଥିତ ଖଲିଫାଙ୍କ ବିଭିନ୍ନ ବିଷୟ ବସ୍ତୁ ଉପରେ ସାରଗର୍ଭକ ଉଦ୍‌ବୋଧନ ମୋତେ ବେଶ୍ ପ୍ରଭାବିତ କରିଛି। ମ୍ୟାକ୍‌ଡୋନିୟାର ଜଣେ ସାମ୍ବାଦିକ ହିସାବରେ ମୋତେ ଜଲ୍‌ସା ଅବସରରେ ଅନେକ ଅହେମଦି ମୁସଲମାନମାନଙ୍କ ସହିତ କଥାବର୍ତ୍ତା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି, ଅର୍ଥାତ୍ ଅହେମଦିମାନେ ସ୍ମିତହାସ୍ୟର ସହିତ ମୋ ସହିତ କଥାବାର୍ତ୍ତା କଲେ, ମୁଁ ଜଲ୍‌ସାର ସ୍ୱଚ୍ଛତା ଓ ସମସ୍ତ ଅଧୀନସ୍ଥ ଗୋଷ୍ଠୀରୁ ବେଶ୍ ପ୍ରଭାବିତ ହୋଇଛି, ଆପଣଙ୍କର ମଟୋ (ଆଦର୍ଶ ଉକ୍ତି) "**ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ**" ପ୍ରକୃତ ରୂପେ ଦୃଶ୍ୟମାନ ହୋଇଛି । ଏହି ଆଦର୍ଶ ଉକ୍ତି ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, କେବଳ ଡିୟୁଟି ଦେଉଥିବା କର୍ମୀମାନେ ନୁହନ୍ତି ବରଂ ଲୋକମାନଙ୍କର ଆଚରଣ ମଧ୍ୟ ଅତିଥିମାନଙ୍କୁ ବେଶ୍ ପ୍ରଭାବିତ କରିଛି ।

ସ୍ଲୋଭାକିୟାର ଆଗତ ଜନୈକା ମହିଳା ଯାହାଙ୍କ ନାମ ହେଲା ମାର୍ଟିନା ଟିଚର୍ ସାହେବା । ସେ କୁହନ୍ତି, ମୁଁ ଆନ୍ତରୀକତାର ସହିତ କୃତଜ୍ଞତା ଜ୍ଞାପନ କରୁଛି ଯେ, ପ୍ରଥମ ଥର କରି ମୋତ ଜଲ୍‌ସାରେ ଅଂଶ ଗ୍ରହଣ କରିବାର ସୁଯୋଗ ପ୍ରାପ୍ତ ହେଲା। ଉକ୍ତ ସଂପୂର୍ଣ୍ଣ ଜଲ୍‌ସା ମୋ ମନରେ ଏକ ଗଭୀର ପ୍ରଭାବ ପକାଇଛି ଏବଂ ବିଶେଷ ରୂପେ ବୈଅତ୍ ଓ ନମାଜ୍ ସମୟରେ ମୁଁ ନିଜର ଭାବାବେଗକୁ ନିୟନ୍ତ୍ରଣ କରିପାରିଲି ନାହିଁ, ସଂପୂର୍ଣ୍ଣ ବୈଅତ୍‌ର କାର୍ଯ୍ୟକ୍ରମ ସମୟରେ କାନ୍ଦୁଥିଲି । ସେହି ମୁହୂର୍ତ୍ତକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ । ଅର୍ଥାତ୍ କିପରି ସମସ୍ତ ଅହେମଦିମାନେ ଖଲିଫାଙ୍କ ହସ୍ତରେ ଏକ ପ୍ରାଣ ହୋଇ ବୈଅତ୍‌ରେ ସାମିଲ୍ ହେଲେ । ସେହିପରି ମୁଁ ଅହେମଦିମାନଙ୍କ ଖଲିଫାଙ୍କ ସହିତ ସାକ୍ଷାତ୍‌କୁ କେବେ ବି ଭୁଲିବି ନାହିଁ ଏବଂ ଗୋଟିଏ ଦିନ ପରର ସାକ୍ଷାତର ମୋ ହୃଦୟରେ ପ୍ରଭାବ ବଳବତ୍ତର ରହିଛି । ମହୋଦୟା କୁହନ୍ତି, "ମୁଁ ଉପସ୍ଥିତ ଖଲିଫାଙ୍କୁ ଆଉଥରେ ଭେଟିବାକୁ ଚାହୁଁଛି ଓ ଇସ୍‌ଲାମ୍ ଧର୍ମ ସଂପର୍କରେ ସିଧା ସଳଖ ତଥ୍ୟ ହାସଲ କରିବାକୁ ଚାହୁଁଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏମାନେ ମୁସଲମାନ ନୁହନ୍ତି କିନ୍ତୁ ଏମାନଙ୍କ ଉପରେ ପ୍ରଭାବ ପଡ଼ିଛି ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ସ୍ଲୋଭାକିୟାରୁ ଆଗତ ଉଣ୍ଡ୍ରିସ୍କା (Ondriska) ନାମକ ଜନୈକ ଅତିଥି ତଥା ବିଶିଷ୍ଟ ବ୍ୟବସାୟୀ ଅଟନ୍ତି । ସେ କୁହନ୍ତି ଜଲ୍‌ସା ସାଲାନା ପୂର୍ବରୁ ମୋତେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କୌଣସି କଥା ଜଣା ନଥିଲା । ମୋର ଏହି ଅବଧାରଣା ରହିଥିଲା ଯେ, ମସୁଲମାନମାନେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କୁ ନିଜର ଈଶ୍ୱର ବୋଲି ସ୍ୱୀକାର କରନ୍ତି, ନାଉଜୁବିଲ୍ଲାଃ (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) । ଜଲ୍‌ସାରେ ସାମିଲ୍ ହେବା ପରେ ମୋତେ ଇସ୍‌ଲାମ୍ ଧର୍ମର ଶିକ୍ଷା ସଂକ୍ରାନ୍ତରେ ଓ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କର ପ୍ରକୃତ ମର୍ଯ୍ୟାଦା ସଂକ୍ରାନ୍ତରେ ପରିଚୟ ପ୍ରାପ୍ତ ହୋଇଛି । ଏହା ମଧ୍ୟ ଜ୍ଞାତ ହେଲା ଯେ, ଇସ୍‌ଲାମ୍ ଧର୍ମ ବାସ୍ତବରେ ଏକ ଶାନ୍ତିପ୍ରିୟ ଧର୍ମ ଅଟେ । ବିଶେଷ କରି ଏଠାରେ (ଏହି ଦେଶରେ) ଗଣମାଧ୍ୟମ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଭ୍ରାନ୍ତ ମନ୍ତବ୍ୟ ଉପସ୍ଥାପିତ କରିଥାଏ । ମୋ ନିମନ୍ତେ ଏହା ଆଶ୍ଚର୍ଯ୍ୟକର କଥା ଯେ, ଜଲ୍‌ସାର ସମସ୍ତ ଆୟୋଜନ ସ୍ୱୟଂ ଅହେମଦିମାନେ ହିଁ କରିଥାଆନ୍ତି ଏବଂ ସେମାନେ କେତେ ପରିଶ୍ରମ ଓ ଉତ୍ସାହର ସହିତ ଅତିଥିମାନଙ୍କର ସେବା କରିଥାଆନ୍ତି । ମୁଁ ଯେତେବେଳେ ଉପସ୍ଥିତ ଖଲିଫାଙ୍କୁ ଦେଖିଲି ସେତେବେଳେ ମୋ ମନରେ ଶାନ୍ତି ଓ ଆତ୍ମା ଉପରେ ଏକ ସକାରାତ୍ମକ ପ୍ରଭବା ପଡ଼ିଲା । ମୋର ଏହି ଦୃଢ ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲା ହିଁ ମୋତେ ଏହି ଜଲ୍‌ସାରେ ସାମିଲ କରିଛନ୍ତି ।

ପୁନଶ୍ଚ ସ୍ଲୋଭାକିୟାରୁ (Judr Martin) ଜୁଦର୍ ମାର୍ଟିନ୍ ସାହେବ ନାମକ ଆଉ ଜଣେ ଆଗତ ଅତିଥି ଅଟନ୍ତି । ସେ କୁହନ୍ତି, "ମୁଁ ପ୍ରଥମ ଥର କରି ଜଲ୍‌ସା ସାଲାନାରେ ସାମିଲ୍ ହୋଇଛି । ମୁଁ ଅହେମଦିମାନଙ୍କର ଚରିତ୍ର ଓ ଅତିଥି ସତ୍କାରକତା ତଥା ସେବାକୁ ଦେଖି ଅତ୍ୟନ୍ତ ପ୍ରସନ୍ନ ହେଲି । ଜଲ୍‌ସା ସାଲାନା ଅବସରରେ ମୁଁ ଅନେକ କିଛି କଥା ଶିଖିବାକୁ ପାଇଲି । ବିଶେଷ କରି ଅହମଦି ମୁସଲମାନମାନେ ଶାନ୍ତିପ୍ରିୟ ଓ ନିଜର ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ଅଟନ୍ତି । ଜମାଅତ୍ ଯେଉଁ exhibition (ପ୍ରଦର୍ଶନୀ) ପ୍ରସ୍ତୁତ କରିଥିଲା ତାହା ମଧ୍ୟ ମୋତେ ଖୁବ୍ ଭଲ ଲାଗିଲା ଏବଂ ମୋତେ ଇସ୍‌ଲାମ୍ ଧର୍ମ ଏବଂ ତା'ର ସୁନ୍ଦର ଶିକ୍ଷା ସଂକ୍ରାନ୍ତରେ ଅନେକ କିଛି କଥା ଶିଖିବାକୁ ମିଳିଲା । ଅହେମଦିମାନଙ୍କ ଖଲିଫା ସଂପର୍କରେ ମୁଁ ଏହା ଅବଲୋକନ କଲି ଯେ, ପ୍ରତ୍ୟେକ ଅହେମଦି ତାଙ୍କୁ ବହୁତ ଭଲ ପାଆନ୍ତି ଏବଂ ସେ ମଧ୍ୟ ଅହେମଦି ସଦସ୍ୟ ବୃନ୍ଦଙ୍କୁ ଭଲ ପାଆନ୍ତି । ଏପରି ଭ୍ରାତୃତ୍ୱତା ଓ ପ୍ରେମ ସଂସାରରେ ଖୁବ୍ କ୍ୱୋଚିତ୍ ଦେଖିବାକୁ ମିଳିଥାଏ । ପ୍ରଦର୍ଶନୀରେ ସର୍ବିୟା ଏବଂ ବୋସ୍‌ନିୟାର ଯେଉଁ ଚିତ୍ର ଓ ନକ୍ସା ଅଙ୍କନ କରାଯାଇଥିଲା ତତ୍‌ସମ୍ବନ୍ଧରେ ମୋର ଏହି ଧାରଣା ରହିଛି ଯେ, ପ୍ରାୟତଃ ସର୍ବିୟନ୍‌ମାନଙ୍କର ମଧ୍ୟ ଅଭିଯୋଗ ରହିଛି ଯେ, ସେମାନଙ୍କର ନକ୍ସା ସଠିକ୍ ଅଙ୍କନ କରାଯାଇ ନାହିଁ । ତେଣୁ ସେଠାକାରା ପ୍ରଦର୍ଶନୀ ଆୟୋଜକଙ୍କୁ ମଧ୍ୟ ଏ ସମ୍ବନ୍ଧରେ ଖବର ନେବା ଉଚିତ୍ ।"

ଆଲ୍‌ବାନିୟାର ଜଣେ ଅତିଥି ତଥା ଅଧ୍ୟାପକ ସମ୍ମାନନୀୟ ରଜିପ୍ ଶ୍କୁତି (Rexhep Shkurti) ସାହେବ ଯେକି ଫ୍ୟାକଲ୍ଟି ଅଫ୍ ନ୍ୟାଚୁରାଲ ସାଇନ୍‌ସ୍ ତିରାନା ବିଶ୍ୱବିଦ୍ୟାଳୟ (Tirana University)ରେ ପ୍ରଫେସର ଅଟନ୍ତି ଏବଂ ନିଜର ପତ୍ନିଙ୍କ ସହିତ ଆସିଥିଲେ ସେ କୁହନ୍ତି, ଜଲ୍‌ସା ଅତ୍ୟନ୍ତ ଭବ୍ୟ ଥିଲା । ଏମାନେ (ଅହେମଦିମାନେ) ମୁସଲମାନ ଅଟନ୍ତି । ମୁଁ ଦଶ ବର୍ଷ ଧରି ରୋଜା ରଖୁଛି ଏବଂ ଇସଲାମ୍ ଧର୍ମର ସମସ୍ତ ଆଦେଶାବଳୀ ତ' ପାଳ କରୁ ନାହିଁ କିନ୍ତୁ ଅନ୍ୟାନ୍ୟ କେତେକ ଆଦେଶାବଳୀ ମଧ୍ୟ ପାଳନ କରୁଛି ଏଠାରେ ମୁଁ ଜଲସାରେ ମୁଁ ଇସ୍‌ଲାମ୍ ଧର୍ମକୁ ଅବଲୋକନ କରିଛି ଅନ୍ୟ ମସୁଲମାନମାନଙ୍କ ମଧ୍ୟରେ ଓ ଆପଣମାନଙ୍କ ମଧ୍ୟରେ ସ୍ୱଷ୍ଟ ପାର୍ଥକ୍ୟ ଖିଲାଫତ୍ ଅଟେ । ଏହି କାରଣରୁ ଆପଣଙ୍କ ନିକଟରେ ଏକତା ମଧ୍ୟ ରହିଛି ।

ଆଲ୍‌ବାନିୟାର ଏରମିରା (Ermira) ସାହେବା ନାମକ ଜନୈକା ମହିଳା ଅଟନ୍ତି । ସେ ନର୍ସ ଅଟନ୍ତି । ସେ କହୁନ୍ତି, ''ମୁଁ ଏହା ପୂର୍ବରୁ ମଧ୍ୟ ଜଲ୍‌ସାକୁ ଆସିଥିଲି। ଏଥର ସେହି ଆଧ୍ୟାତ୍ମିକ ତୀବ୍ର ଆଗ୍ରହ ଯୋଗୁଁ ପୁନଃ ଜଲ୍‌ସାକୁ ଆସିଛି । (ହୁଜୁର୍ ଅନ୍‌ୱର ଅ.ବ କହିଲେ, ଅଣଅହେମଦିମାନେ ମଧ୍ୟ ହୁଅନ୍ତୁ ଥରେ ଜଲ୍‌ସାକୁ ଆସିବାର ଅଭ୍ୟାସ ପଡ଼ିଗଲେ ତେବେ ବାରମ୍ବାର ଆସିବାକୁ ଇଚ୍ଛା ହୋଇଥାଏ । ଏଥର ମୁଁ ପ୍ରଥମ ଥର ନମାଜ ପାଠ କରିଛି । ସେ କୁହନ୍ତି, ତାଙ୍କର ଏକ ମହିଳା ସଖୀ ଥିଲା ସେ ନମାଜ ପାଠ କରୁଥିଲା ମୁଁ ନିଜର ସଖୀକୁ ଦେଖି ଦେଖି ନମାଜ ପାଠ କରି ଚାଲିଥିଲି । ପ୍ରଥମ ଥର କରି ମୋ ଆତ୍ମାର ପ୍ରତ୍ୟେକଟି କଣିକା ଅର୍ଥାତ୍ ସକ୍ରିୟ ହୋଇ ଉଠିଛି । ମୁଁ ସିଜ୍‌ଦାରେ କାନ୍ଦି କାନ୍ଦି ଦୁଆ କରୁଥିଲି । ଏପରି ପ୍ରତିତ ହେଉଥିଲା ଯେପରି ମୋର ସମସ୍ତ ଘୃଣା ଦ୍ରବୀଭୂତ ହୋଇଯାଉଥିଲା । ମୁଁ ଦୁଆ କରୁଛି ଯେ, ଅଲ୍ଲାଃତାଲା ମୋର ବିଶ୍ୱାସକୁ ଦୃଢୀଭୂତ କରନ୍ତୁ । ହୁଜୁର ଅନ୍‌ୱର ଅ.ବ କହିଲେ, ଏର୍ମିରା ସାହେବା କୁହନ୍ତି, ମୁଁ ଆପଣଙ୍କୁ ସାକ୍ଷାତ୍ କରିଥିବା ହେତୁ ଆପଣଙ୍କୁ ଜୀବନ ସାରା ସ୍ମରଣ ରଖିବି ।

ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି, ସୁତରାଂ ଜଲ୍‌ସାର ପରିବେଶର ପ୍ରଭାବକୁ ଅଣଅହେମଦିମାନେ ମଧ୍ୟ ସ୍ୱୀକାର କରିଥାଆନ୍ତି । ଏହା କିପରି ସମ୍ଭବପର ହୋଇପାରିବ ଯେ, ଅହେମଦିମାନେ ପ୍ରଭାବକୁ ସ୍ୱୀକାର କରିବେ ନାହିଁ ? ଅତଃ ଯେଉଁଠି ପଦାଧିକାରୀମାନଙ୍କୁ ଅହେମଦିମାନଙ୍କ ଠାରୁ ଅଭିମାନ ଏବଂ ଅଭିଯୋଗ ହୋଇଥାଏ ସେମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ସେମାନେ ନିଜ ନିଜର ସଂଶୋଧନ ସଠିକ୍ ପନ୍ଥାନୁଯାୟୀ କରି ନିଅନ୍ତୁ । ପ୍ରମଥମେ ନିଜର ସଂସ୍କାର ଓ ସଂଶୋଧନ କରନ୍ତୁ ତା' ପରେ ଯାଇ ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ ।

ଅଲ୍‌ବାନିୟାରୁ ଆଗତ ଦ୍ରିତେ ଶ୍କ୍ରୁତି (Drite Shkurti) ସାହେବା ନାମକ ଜନୈକା ମହିଳା ଅଟନ୍ତି । ମହୋଦୟା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଅଟନ୍ତି । ସେ କୁହନ୍ତି: "ଜଲ୍‌ସାର ବ୍ୟବସ୍ଥା ଅତ୍ୟନ୍ତ ଉଚ୍ଚ କୋଟିର ଥିଲା । ମୁଁ ବିଦ୍ୟାଳୟରେ ଜଣ ଶିକ୍ଷୟତ୍ରୀ ଅଟେ ଏବଂ ମୁଁ ଜାଣେ ଯେ, ଆଜିକାଲିକା ପିଲାମାନେ କେତେ aggressive(ଅକ୍ରମଣାତ୍ମକ) ହୋଇଥାଆନ୍ତି । କିନ୍ତୁ ଏଠାରେ ପିଲାମାନେ ଏତେ ଶୃଙ୍ଖଳିତ ଓ ଶିଷ୍ଟ ଅଟନ୍ତି ଯେ, ସେମାନେ ନିଜ ନିଜ ଡିୟୁଟିରେ ନିମଜ୍ଜିତ ଥିଲେ। (ହୁଜୁର ଅନ୍‌ୱର୍ ଅ.ବ ଅତ୍‌ଫାଲମାନେ, ପିଲାମେନ ମଧ୍ୟ ଉତ୍ତମ ଉଦାହରଣ ପ୍ରଦର୍ଶନ କରି ତବ୍‌ଲିଗର ମାର୍ଗ ଉନ୍ମୁକ୍ତ କରିଥାଆନ୍ତି) । ମହୋଦୟା କୁହନ୍ତି: "ମୋ ପାଇଁ ଏହା ଆଶ୍ଚର୍ଯ୍ୟକର କଥା ଥିଲା । ତେଣୁ ଜିଜ୍ଞାସା ହିଁ ମୋତେ ଜଲ୍‌ସା ସମୟରେ ସାଧାରଣ ଆହାର ହଲ୍ ଆଡ଼କୁ ନେଇଗଲା । ଏହି ଆହାର ହଲ୍‌ଟି ବଜାର ପୂର୍ବରୁ ପଡୁଥିଲା । ସେଠାରେ ମଧ୍ୟ ମୁଁ ଅବଲୋକନ କଲି ଯେ, ହଜାର ହଜାର ପୁରୁଷମାନେ ଆହାର ଖାଉଥିଲେ । କିନ୍ତୁ କୌଣସି ଝଗଡ଼ା, ଟଣା ଓଟରା ଆଦି ଆଦୌ ଦେଖିଲି ନାହିଁ । ଏପରି ପ୍ରତିତ ହେଉଥିଲା ଯେପରିକି ସମସ୍ତେ ମହୁମାଛି ଅଟନ୍ତି ଯେଉଁମାନେ କେବଳ କାମ କରିବା ଜାଣନ୍ତି । ଲୋକମାନେ ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ଥିଲେ ଏବଂ ଲୋକମାନଙ୍କର ଚରିତ୍ର ଏତେ ଉଚ୍ଚମାନର ଥିଲା କି ସାମାନ୍ୟ ଧକ୍କା ବାଜି ଯିବା ଫଳରେ ସେମାନେ ତୁରନ୍ତ ସରି (sorry) ଅର୍ଥାତ୍ କ୍ଷମା ପ୍ରାର୍ଥନା କରୁଥିଲେ ।

ଆଲ୍‌ବାନିୟାରୁ ଆଗତ ଜଣେ ଅତିଥି ଅଟନ୍ତି ଯାହାଙ୍କ ନାମ ହେଲା ଜାଫର୍ କୁଚୀ (Xhaferr Kuci) ସାହେବ, ମହୋଦୟ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର କରିଛନ୍ତି ଏବଂ ଦୀର୍ଘ 4 ବର୍ଷର ଗବେଷଣା ଏବଂ ଅନୁସନ୍ଧାନ କରିବା ପରେ ସେ ବୈଅତ୍ କରି ନେଇଛନ୍ତି । ମହୋଦୟ କୁହନ୍ତି: "ଜଲ୍‌ସା ସାଲାନା ତାଙ୍କ ନିମନ୍ତେ ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା । ଜଲ୍‌ସା ତାଙ୍କ ମନରେ ଅନେକ ସକାରାତ୍ମକ ଶକ୍ତି ଭରି ଦେଇଗଲା । ଜଲ୍‌ସା ଗାହ୍‌ରେ ଉପସ୍ଥିତ ଖଲିଫାଙ୍କ ସହିତ ନମାଜ ପଠ ସମୟରେ ମୁଁ ନିଜର ଲୁହ ଉପରେ ନିୟନ୍ତ୍ରଣ ରଖି ପାରିଲି ନାହିଁ । ସେହିପରି ବୈଅତ୍ ପର୍ବରେ ମଧ୍ୟ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲି ଏବଂ ଉପସ୍ଥିତ ଖଲିଫାଙ୍କ ସହିତ ବସି ମୋତେ ସବୁବେଳେ ସୁରକ୍ଷିତ ଅନୁଭବ ହେଉଛି ଏବଂ ମୁଁ ମର୍ମେ ମର୍ମେ ଏହା ଅନୁଭବ କଲି ଯେ, ଉପସ୍ଥିତ ଖଲିଫା ହିଁ ମୋର ମୂଲ୍ୟବାନ ନିଧି ଅଟନ୍ତି । ଏତଦ୍‌ଭିନ୍ନ ମୋତେ ଗୋଟିଏ କଥା ଭଲ ଲାଗିଲା ନାହିଁ । ତାହା ଲୋକମାନଙ୍କ ସଂପର୍କିତ ଅଟେ। ଏହାକୁ ମଧ୍ୟ ଲୋକମାନଙ୍କୁ ନୋଟ୍ କରିନେବା ଉଚିତ୍ । ସେହି କଥାଟି ହେଉଛି ଯେ, ଜଲ୍‌ସାରେ ଅନେକ ଥର କେତେକ ଲୋକମାନେ ତକ୍‌ରିର୍ ଶେଷ ହେବା ପୂର୍ବରୁ ହିଁ ଉଠି ଚାଲି ଯାଉଥିଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ମଧ୍ୟ ଉକ୍ତ କଥା ପ୍ରତି ଚିନ୍ତା କରିବା ଉଚିତ୍ ଯେ, ନବଦୀକ୍ଷିତଙ୍କ ଉପରେ ଯେପରି ନକାରାତ୍ମକ ପ୍ରଭାବ ଆମ ଦ୍ୱାରା ନପଡୁ ।

ବୋସ୍‌ନିୟାରୁ ଆଗତ ହାରିସ୍ ସାହେବ ନାମକ ଜଣେ ଅଧ୍ୟାପକ ଅଟନ୍ତି । ଜଲ୍‌ସାକୁ ଆସିବା ପୂର୍ବରୁ ମୋତେ ଏହା ଜ୍ଞାତ ହେଲା ଯେ, ସେଠାରେ ହଜାର ହଜାର ଲୋକମାନେ ହେବେ ଏବଂ ଉପସ୍ଥିତ ଖଲିଫା ମଧ୍ୟ ଆମମାନଙ୍କୁ ଉଦ୍‌ବୋଧନ ଦେବେ । ମୁଁ କୌଣସି ପ୍ରକାର ଭୟଭୀତ ଥିଲି ଏବଂ କୌଣସି ମତେ ସୁରକ୍ଷା ମଧ୍ୟ ରଖୁଥିଲି । ମୁଁ ପ୍ରତ୍ୟେକ ପ୍ରସଙ୍ଗରେ ଆଶଙ୍କା ଓ ସନ୍ଦେହର ଶିକାର ହେଉଥିଲି । କାରଣ ଅହେମଦିମାନଙ୍କ ସଂପର୍କରେ ଏତେ ବ୍ୟାପକ ସ୍ତରୀୟ ଜଲ୍‌ସା ଏବଂ ସେମାନଙ୍କର ଧାର୍ମିକ ପ୍ରଥା ଓ ପରମ୍ପରା ସଂକ୍ରାନ୍ତରେ ମୋତେ ବିସ୍ତୃତ ଭାବରେ ଧାରଣା ନଥିଲା ଏବଂ ମୁଁ ମୌଳିକ କଥାରେ ହିଁ ଛନ୍ଦି ହୋଇ ଯାଇଥିଲି । ପୁନଶ୍ଚ କୁହନ୍ତି:"ଏହା ତ' ମୋର ଧାରଣା ଥିଲା ଏବଂ ଯେତେବେଳେ ମୁଁ ସେଠାରେ ପହଞ୍ଚିଲି ସେତେବେଳେ ଏହା ଅବଲୋକନ କରି ଯେ, ଏତେ ଭଲ ଲୋକମାନଙ୍କ ଉପରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ମୋତେ ସମୟ ଅତିବାହିତ କରିବାର ଅବସର କେବେ ବି ପ୍ରାପ୍ତ ହୋଇ ନାହିଁ । ଜଲ୍‌ସାରେ ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ପ୍ରସଙ୍ଗ ନିମନ୍ତେ ପୂର୍ବରୁ ହିଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ମୁଁ ଅହେମଦିମାନଙ୍କ ସଂପର୍କରେ କ'ଣ ଭାବୁଥିଲି ଓ ଏଠାକୁ ଆସି ସେମାନଙ୍କର ଆଚରଣ କ'ଣ ଦେଖିଲି ? ଉତ୍ତମ ଯୋଜନା ପ୍ରସ୍ତୁତି, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ । ଏତେ ମହାନ୍ ଗୋଷ୍ଠୀ ଅତି ସୁନ୍ଦର ଭାବରେ ଶୃଙ୍ଖଳିତ, ବ୍ୟବସ୍ଥିତ ଓ ମାର୍ଜିତ ଥିଲା । ଖଲିଫାଙ୍କର ପ୍ରଥମ ଭାଷଣ ପରେ ମୋ ମସ୍ତିଷ୍କରେ ଥିବା ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଇଥିଲା । ମୁଁ ଲୋକମାନଙ୍କର ପିଛା କରୁଥିଲି । କାରଣ ସେମାନେ କିପରି କଥାବାର୍ତ୍ତା ହୁଅନ୍ତି ଓ କ'ଣ କହୁଛନ୍ତି ? ସେମାନଙ୍କର ପରସ୍ପର ସହିତ କେଉଁ ସଂପର୍କ ଥିଲା । (ଜିଜ୍ଞାସା ଥିଲା, ଲୋକମାନଙ୍କ ପଛରେ ମହୋଦୟ ଚାଲୁଥିଲେ) । ମହୋଦୟ କୁହନ୍ତି: "ମୁଁ ଏହିସବୁ ଦୃଶ୍ୟ ଏବଂ କଥାକୁ ଦେଖୁଥିଲି ଓ ଶୁଣୁଥିଲି । ମୁଁ ନିଜର ମୁସଲମାନ ଭାଇମାନଙ୍କ ମଧ୍ୟରେ ନିଜକୁ ସୁରକ୍ଷିତ ମନେକଲି । ମୁଁ ଏହା ଅନୁଭବ କଲି ଯେ, କୌଣସି ବ୍ୟକ୍ତି ମଧ୍ୟ ମୋତେ ଅପଶବ୍ଦ କହିଲେ ନାହିଁ, ନା ହିଁ ଅହେମଦିମାନେ ମୋତେ ଈର୍ଷା ଓ ଅଜ୍ଞାତ ତଥା ଅପରିଚିତ ଚକ୍ଷୁରେ ଦେଖିଲେ କିମ୍ବା ଅନ୍ୟ କୌଣସି କଥା ଯୋଗୁଁ ମୋତେ ଆକ୍ଷେପ କଲେ । ଏହି ସମସ୍ତ କଥା ମଧ୍ୟରେ ଯେଉଁ କଥାଟି ମୋ ନିମନ୍ତେ ଗର୍ବଯୋଗ୍ୟ ତଥା ଅନନ୍ୟ ଥିଲା ଏବଂ ଏହାର ଅନୁଭୂତି ମୁଁ ଜୀବନରେ ଏହା ପୂର୍ବରୁ କେବେ ବି ଅବଲୋକନ କରି ନଥିଲି । ତାହା ଏହିକି ଯେ, ମୁଁ ଉପସ୍ଥିତ ଖଲିଫାଙ୍କୁ ସାକ୍ଷାତ୍ କରିଥିଲି । ଖଲିଫାଙ୍କୁ ଭେଟିବା ପରେ ମୋତେ ସନ୍ତୁଷ୍ଟି ଓ ତୃପ୍ତି ଅନୁଭବ ହେଲା ଯେପରିକି ମୋ ପିଠି ଉପରୁ କୌଣସି ପଥରକୁ ଖସାଇ ଦିଆଯାଇଛି । ମୁଁ ଚିନ୍ତିତ ଥିଲି । କିନ୍ତୁ ବର୍ତ୍ତମାନ ଆଉ ଚିନ୍ତିତ ନାହିଁ । ମୁଁ ସନ୍ତୁଷ୍ଟ ହୋଇ ଘରକୁ ଫେରୁଛି। ନିଃସନ୍ଦେହ ରୂପେ ମୁଁ ଜ୍ଞାନର ନିଧି ଦ୍ୱାରା ଧନୀ ହୋଇ ଏବଂ ଭଲ ଲୋକମାନଙ୍କ ସଂସ୍ପର୍ଶରେ ଆସି ଲୋକମାନଙ୍କୁ ସାକ୍ଷାତ୍ କରି ଧନୀକ ବ୍ୟକ୍ତି ପାଲଟି ଯାଇଛି ।"

ବୋସ୍‌ନିୟାରୁ ଆଗତ ଇନ୍ଦିରା ହୈଦର୍ (Indira Haidar) ସାହେବ ନାମକ ଜନୈକା ମହିଳା ଯେକି ରେଡ୍ କ୍ରସ ସୋସାଇଟିର ସଚିବ ଅଟନ୍ତି ସେ କୁହନ୍ତି: "ଖଲିଫାଙ୍କ ସହିତ ମୋର ଭେଟ ଫ୍ରାଙ୍କ୍‌ଫର୍ଟ୍ ଠାରେ ହୋଇଥିଲା ଏବଂ ଏହା ଅତ୍ୟନ୍ତ ଆନନ୍ଦଦାୟକ ସାକ୍ଷାତ୍ ଥିଲା । କାରଣ ଖଲିଫା ମହୋଦୟ ବହୁତ ଭଲ ଭଲ କଥା କହୁଥିଲେ । ଉପସ୍ଥିତ ଖଲିଫାଙ୍କୁ ସିଧା ସଳଖ ଶୁଣିବାକୁ ମୋତେ ସୁଯୋଗ ପ୍ରାପ୍ତ ହେଲା । ଜମାଅତ୍ ଅହେମଦିୟା ଏବଂ ହ୍ୟୁମାନିଟି ଫାର୍ଷ୍ଟ ବିଭିନ୍ନ ପ୍ରତିକୂଳତା ସତ୍ତ୍ୱେ ଆମ ଦେଶରେ ଯେଭଳି ନିଷ୍ଠାପରତା ସହିତ ମାନବ ସେବା କାର୍ଯ୍ୟକୁ ସମ୍ପାଦନ କରୁଅଛି ଏଠାକୁ ଆସିବା ପରେ ମୋର ବିଶ୍ୱାସ ସୁଦୃଢ ହୋଇଗଲା ଯେ, ସେମାନଙ୍କର ସ୍ୱେଚ୍ଛାସେବୀ କର୍ମୀମାନେ ମାନବ ଜାତିର କିପରି ନିଃସ୍ୱାର୍ଥପର ସେବାର ମୂଳାଧାର କେବଳ ଖିଲାଫତ୍ ଅଟେ । ବାସ୍ତବତା ମଧ୍ୟ ଏହିପରି ଅଟେ ।"

ମହୋଦୟା ପୁନଶ୍ଚ କୁହନ୍ତି: "ପୃଥିବୀର ବିଭିନ୍ନ ପ୍ରାନ୍ତର ମନୁଷ୍ୟମାନଙ୍କୁ ଜମାଅତ୍ ଅହେମଦିୟା କିଭଳି ଭାବରେ ଏକତାର ଡୋରରେ ଗ୍ରଥିତ କରିଛି ତାହା ବେଶ୍ ଦର୍ଶନୀୟ ଅଟେ । ମୁଁ ଏହା ଅନୁଭବ କଲି ଯେ, ସେହି ସମସ୍ତ ମାନବ ଜାତିକୁ ଗୋଟିଏ ଜାତିରେ ପରିଣତ କରିବାରେ ଏବଂ ସଂସାରକୁ ଉତ୍କୃଷ୍ଟ କରିବା ସକାଶେ ନିଜର ଭୂମିକା ନିର୍ବାହ କରିବା ସଂକ୍ରାନ୍ତରେ ଏହି ଅନୁଭବ ମୋତେ ସାହାସୀ ହେବାରେ ମୋର ଧାରଣାକୁ ଗଭୀର କରିଦେଇଛି । ଇତ୍ୟବସରରେ ମୁଁ ମୁସଲମାନ ଅଟେ ବୋଲି ଗର୍ବିତ ଅନୁଭବ କରିବା ନିମନ୍ତେ ଶକ୍ତି ପ୍ରଦାନ କଲା ନାହିଁ । ବରଂ ମୋତେ ମନୁଷ୍ୟମାନଙ୍କ ପ୍ରତି ସମବେଦନା ଓ ସହାନୁଭୂତି ଜ୍ଞାପନ କରିବା ଓ ବିଭିନ୍ନ ଧର୍ମମାନଙ୍କ ମଧ୍ୟରେ ବାର୍ତ୍ତାଳାପକୁ ବୃଦ୍ଧି କରିବା ନିମନ୍ତେ ଅତିରିକ୍ତ ଭାବରେ ସାମିଲ୍ ହେବା ନିମନ୍ତେ ଭାବନା ଉତ୍ସାହିତ କରୁଥିଲା ।"

ବୋସ୍‌ନିୟାରୁ ଆଗତ ଅମିନା ସାହେବା ନାମକ ଜନୈକା ମହିଳା ଅଟନ୍ତି । ସେ କୁହନ୍ତି; "ସ୍ୱେଚ୍ଛାସେବୀ କର୍ମୀମାନଙ୍କର ଗୋଷ୍ଠୀ ଅତ୍ୟନ୍ତ ଉତ୍ତମ ଥିଲା । ମହିଳାମାନଙ୍କ ଭାଗରେ ଅନୁବାଦର ସମସ୍ୟା ହେତୁ ଆମେମାନେ କେତେକ କାର୍ଯ୍ୟକ୍ରମ ଶୁଣି ପାରିଲୁ ନାହିଁ । କାରଣ ମହିଳାମାନଙ୍କ ସେକ୍‌ସନରେ ଅନୁବାଦର କୌଣସି ବ୍ୟବସ୍ଥା ନଥିଲା । (ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି, ଯେପରିକି ମୁଁ ପ୍ରାରମ୍ଭରେ କହିଲି ଯେ, ମହୋଦୟା ଉକ୍ତ କଥାର ପୁଷ୍ଟି କରନ୍ତି) ଉପସ୍ଥିତ ଖଲିଫାଙ୍କର ଅନୁବାଦ ମୋ ନିମନ୍ତେ ଆମମାନଙ୍କ ମହିଳାମାନଙ୍କର ଗ୍ରୁପ ଲିଡ଼ର କଲେ । ଏକଥା ମୋତେ ବହୁତ ଭଲ ଲାଗିଲା । କାରଣ ସବୁବେଳେ କାର୍ଯ୍ୟକ୍ରମର ପ୍ରାରମ୍ଭ ତିଲାୱତ୍ କୁରଆନ୍ କରୀମ୍ ଓ ଏହାର ଅନୁବାଦରୁ ହିଁ ହେଉଥିଲା । ଉପସ୍ଥିତ ଖଲିଫାଙ୍କର ଆଦେଶାବଳୀ ଏହା ଥିଲା ଯେ, ମୁସଲମାନମାନେ ନିଜକୁ ନିଜେ ଅଧିକ ଉଚ୍ଚ ଶିକ୍ଷିତ କରନ୍ତୁ ଏବଂ ନିଜର ବିଦ୍ୟାକୁ ବ୍ୟବହାରିକ ବସ୍ତ୍ର ପରିଧାନ କରାନ୍ତୁ । ଏହା ହିଁ ଏକମାତ୍ର ମାର୍ଗ ଅଟେ ଯଦ୍ଦ୍ୱାରାକି ମୁସଲମାନ ଜାତିର ସଂପ୍ରତିକ ପରିସ୍ଥିତି ପରିବର୍ତ୍ତନ ହୋଇପାରିବ ।"

"ଦ୍ୱିତୀୟ ଦିନରେ ପୁଣି ଅନୁବାଦର ସମସ୍ୟା ଯେତେବେଳେ ଦେଖାଦେଲା ସେତେବେଳେ ଆମର ମହିଳାମାନେ ଅନୁବାଦ ଶୁଣିବା ନିମନ୍ତେ ପୁରୁଷ ଭାଗକୁ ଗଲେ । ସେ ଯାହା ହେଉ ମହୋଦୟା କୁହନ୍ତି, ମହିଳାମାନଙ୍କର ଯେଉଁ ଉଦ୍‌ବୋଧନ ରହିଥିଲା ତାହା ବେଶ୍ ସହଯୋଗପୂର୍ଣ୍ଣ ଥିଲା । ତହିଁରେ (ସେହି ଉଦ୍‌ବୋଧନରେ) ଆଁହଜରତ ସ.ଅଙ୍କ କାଳର ମହିଳାମାନଙ୍କର ଉଦାହରଣ ରହିଥିଲା ଯାହାକି ମୋତେ ବହୁତ ଭଲ ଲାଗିଲା । ଦ୍ୱିତୀୟ ଦିନର କାର୍ଯ୍ୟ କ୍ରମରେ ମଧ୍ୟ ମୌଳିକ ଇସ୍‌ଲାମୀୟ ନୀତି ଏବଂ ଅନ୍ୟମାନଙ୍କର ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ସଂକ୍ରାନ୍ତୀୟ ପ୍ରସଙ୍ଗ ରହିଥିଲା । ଆମମାନଙ୍କୁ (ମହିଳାମାନଙ୍କୁ) ପ୍ରତ୍ୟେକ କ୍ଷେତ୍ରରେ ଉତ୍ତମ ଓ ଉତ୍କୃଷ୍ଟ ହେବା ଉଚିତ୍ । ଏହି କଥାଟି ମୋ ଉପରେ ଗଭୀର ପ୍ରଭାବ ପକାଇଲା ଏବଂ ଆମେମାନେ ଯଦି ନ୍ୟାୟ କରିବୁ ତାହାହେଲ ଯାଇ ଆମେମାନେ ଉନ୍ନତି କରିବୁ ଏବଂ ସମଜରେ ଶାନ୍ତି ସ୍ଥାପନ ହୋଇପାରିବ । ଉପରୋକ୍ତ ସମସ୍ତ ପ୍ରସଙ୍ଗ ତଥା କଥା ଯାହାକୁ ମୁଁ ନିଜ ସଙ୍ଗରେ ବହନ କରି ନେଇଯାଉଛି ତାହା ମୋ ନିମନ୍ତେ ମାର୍ଗର ମଶାଲ ଅଟନ୍ତି ।"

ଜର୍ଜିୟାର ଲିୟା (Lia) ସାହେବା ନାମକ ଜନୈକା ମହିଳା ଅଟନ୍ତି । ସେ ବର୍ତ୍ତମାନେ ହଲାଣ୍ଡ୍‌ରେ ଥିଓଲୋଜୀ ଏବଂ ରିଲିଜିୟସ୍ ଷ୍ଟଡ଼ିରେ ସ୍ନାତକୋତ୍ତ ଶିକ୍ଷା ପ୍ରାପ୍ତ କୁରଛନ୍ତି । ସେ କୁହନ୍ତି ମୋତେ ଜଲ୍‌ସା ଦେଖିବାକୁ ପ୍ରଥମ ଥର କରି ସୁଯୋଗ ପ୍ରାପ୍ତ ହେଲା । କିପରି ଆବାଳ ବୃଦ୍ଧ ବନୀତା ସାହସିକତାର ସହିତ ନିଜ ନିଜର ସେବାକୁ ସମ୍ପାଦନ କରୁଛନ୍ତି । ଆଲମି ବୈଅତ୍ (ଆନ୍ତର୍ଜାତିକ ବୈଅତ୍)କୁ ଦେଖି ଆବେଗକୁ ନିୟନ୍ତ୍ରିତ ଓ ଆୟତ୍ତାଧୀନ ଆଣିପାରୁ ନଥିଲେ । ଜଲ୍‌ସାରେ ଶେଷ ଦିନରେ ଏକ ଅଙ୍ଗୀକାର ସମସ୍ତଙ୍କ ଠାରୁ ନିଆଯାଉଥିଲା । ଅର୍ଥାତ୍ "ଆମେମାନେ ସମସ୍ତେ ଇସ୍‌ଲାମ୍ ଧର୍ମ ଅନୁଯାୟୀ ଭବିଷ୍ୟତରେ ନିଜର ଜୀବନକୁ ଶୃଙ୍ଖଳିତ ଓ ପରିଚାଳିତା କରିବୁ ।" ଉକ୍ତ ବୈଅତରୁ ସେ ଏକ କଥା ଶିକ୍ଷା କଲେ । ମହୋଦୟା କୁହନ୍ତି ଯେ, ମୋ ମସ୍ତିଷ୍କରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଅଙ୍କିତ ହୋଇଗଲା ଯେ, ଜମାଅତ୍ ଅହେମଦିୟାଙ୍କ ଖଲିଫା କଲମର ଜିହାଦ୍ ଚିନ୍ତାଧାରା ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା । ଉକ୍ତ କଥାର ମୁଁ ଶତ ପ୍ରତିଶତ ପୁଷ୍ଟି କରୁଛି। ମୋତେ ଏକଥା ବହୁତ ଭଲ ଲାଗିଲା ଯେ, ମହିଳାମାନଙ୍କୁ ମଧ୍ୟ ଇସଲାମ୍ ଧର୍ମ ଅନୁପ୍ରାଣିତ କରିଥାଏ । ଅର୍ଥାତ୍ ମହିଳାମାନେ ମଧ୍ୟ ଇସ୍‌ଲାମ୍ ଧର୍ମର ଧର୍ମ ଶିକ୍ଷାକୁ ସଂପ୍ରସାରିତ କରନ୍ତୁ । ମୋର ଏହା ଦୃଢ ବିଶ୍ୱାସ ରହିଛି ଯେ, ଭବିଷ୍ୟତରେ ସଂସାର ଇସ୍‌ଲାମ୍ ଧର୍ମ ସଂପର୍କରେ ବିଚାର ବିମର୍ଷ କରିବା ଏବଂ ଏହି ଧର୍ମ ମାଧ୍ୟମରେ ଲୋକମାନେ ନିଜର ଈଶ୍ୱରଙ୍କୁ ଚିହ୍ନିନେବେ ।

ଜର୍ଜିୟାରୁ ମିଷ୍ଟର ୱେଇସିଲ (Veisel) ସାହେବ ନାମକ ଜନୈକ ସୁନ୍ନୀ ବିଦ୍ୱାନ୍ ଆସିଥିଲେ । ସେ କୁହନ୍ତି; "ମୁଁ ଜର୍ଜିୟାରେ ବାସ କରେ । 15 ବର୍ଷ ବୟସରେ ମୁଁ ଖ୍ରୀଷ୍ଟ ଧର୍ମ ପରିତ୍ୟାଗ କରି ଇସ୍‌ଲାମ୍ ଧର୍ମକୁ ସ୍ୱୀକାର କରିନେଲି । ଏତଦ୍‌ପରେ ପ୍ରାୟ 15 ବର୍ଷ ପର୍ଯ୍ୟନ୍ତ ମୁଁ ମଦିନା ମୁନୱ୍ୱରାରେର ଜୀବନ ଅତିବାହିତ କଲି । ଇସ୍‌ଲାମ୍ ଧର୍ମ ଶିକ୍ଷା ଏବଂ ଆରବୀ ଭାଷା ମୁଁ ମଦିନାରେ ହିଁ ଶିଖିଲି । ମୋ ପାଠ ପଢା ସମୟରେ ମୋତେ ଆପଣଙ୍କ ଜମାଅତ୍ ସଂକ୍ରାନ୍ତରେ ନକାରାତ୍ମକ କଥା ଶୁଣିବାକୁ ମିଳିଥିଲା ଯେ, ଅହେମଦି ଆମମାନଙ୍କୁ ଅବଜ୍ଞାକାରୀ ବୋଲି କୁହନ୍ତି ଏବଂ ଅହେମଦିମାନଙ୍କର । କିନ୍ତୁ ଅହେମଦିମାନଙ୍କର ଆସ୍ଥା ଏହାର ବିପରୀତ ଅଟେ । ଜର୍ଜିୟାରେ ମୁଁ ଆପଣଙ୍କ ଜମାଅତ୍‌ର ମିଶ୍‌ନାରୀଙ୍କ ସହିତ ସାକ୍ଷାତ୍ କରିଛି ଏବଂ ଜମାଅତ୍ ଅହେମଦିୟାର ପରିଚୟ ମଧ୍ୟ ପ୍ରାପ୍ତ କରିଛି । ଆପଣ ବିଭିନ୍ନ ଗ୍ରାମାଞ୍ଚଳରେ କୁର୍ବାନୀର ମାଂସ ବଣ୍ଟନ କଲେ । ଆମ ସହିତ ଯୋଗଯୋଗ କଲେ ଏବଂ ଆମକୁ ସାହାଯ୍ୟ କଲେ ।"

ହୁଜୁର ଅନ୍‌ୱର୍ ଅ.ବ କହୁନ୍ତି: "ପୁନଶ୍ଚ ତାଙ୍କ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ସେ ଜଲ୍‌ସାରେ ଆସିବା ପୂର୍ବରୁ ଯାମିଅତୁଲ୍ ଅଜ୍‌ହର୍‌ରୁ ଜମାଅତ୍ ଅହେମଦିୟ ସଂପର୍କରେ ଫତ୍‌ୱା (ଧର୍ମାଜ୍ଞା) ଦେଖିଲେ ଯେ, ମୁଁ ଅହେମଦିମାନଙ୍କ ପାଖକୁ ଯାଉଛି ଏବଂ ଯାମିଆ ଅଜ୍‌ହର୍ ତତ୍‌ସଂକ୍ରାନ୍ତରେ କେଉଁ ଧର୍ମାଜ୍ଞା ପ୍ରଦାନ କରୁଛି ? ସେ କୁହନ୍ତି ମୁଁ ସମସ୍ତ ଇସ୍‌ଲାମୀୟ ସଂପ୍ରଦାୟର ଚିନ୍ତାଧାରା ସଂପର୍କରେ ଅଧ୍ୟୟନ କଲି। ସମସ୍ତ ଫତ୍‌ୱା (ଧର୍ମାଜ୍ଞା)କୁ ଅବଲୋକନ କରିବା ପରେ ମୁଁ ଏହି ସିଦ୍ଧାନ୍ତରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଉପନୀତ ହେଲି ବା ଏହି ନିଷ୍ପତ୍ତି ନେଲି ଯେ, ଜମାଅତ୍ ଅହେମଦିୟାକୁ ମୁଁ ଖୁବ୍ ନିକଟରୁ ଦେଖିବାକୁ ଚାହୁଁଛି । ଲୋକମାନେ ତ' ଜମାଅତ୍ ଅହେମଦିୟାକୁ କାଫିର୍ (ଅବଜ୍ଞାକାରୀ) ବୋଲି ସମ୍ବୋଧନ କରୁଛନ୍ତି ହେଲେ ମୁଁ ଏହା ଦେଖିବାକୁ ଚାହୁଁଛି ଯେ, ଏମାନେ କେମିତିକା ଲୋକ ଏବଂ କେମିତା ଧର୍ମାବଲମ୍ବୀ ଅଟନ୍ତି ? ସୁତରାଂ ସେ ଜଲ୍‌ସାକୁ ଆସି ଜମାଅତ୍‌କୁ ନିକଟରୁ ଦେଖି କହିବାକୁ ଲାଗିଲେ ଯେ, ଜମାଅତ୍ ଅହେମଦିୟା ନିଃସନ୍ଦେହ ରୂପେ ଇସ୍‌ଲାମ୍ ଧର୍ମର ଏକ ଅଂଶ ଅଟେ । ମହୋଦୟ ଅତିରିକ୍ତ କୁହନ୍ତି ଯେ, ମୁଁ ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନକୁ ଧ୍ୟାନପୂର୍ବକ ଶୁଣିଲି ଏବଂ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଆପଣମାନଙ୍କୁ କାଫିର (ଅବଜ୍ଞାକାରୀ) କହିବା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ଆପଣମାନେ ମଧ୍ୟ ଅନ୍ୟ ସଂପ୍ରଦାୟଙ୍କ ପରି ଇସ୍‌ଲାମ୍ ଧର୍ମର ଏକ ସଂପ୍ରଦାୟ ଅଟନ୍ତି । "

ମହୋଦୟ କୁହନ୍ତି: "ମୁଁ ଉପସ୍ଥିତ ଖଲିଫାଙ୍କୁ ବହୁତ ସମ୍ମାନ ଜଣାଉଛି । ମୋ ମସ୍ତିଷ୍କରେ ଅନେକ ପ୍ରଶ୍ନ ଥିଲା ଯାହାକି ଜଲ୍‌ସାର ତିନି ଦିନ ମଧ୍ୟରେ ବିଭିନ୍ନ ଅଧିବେଶନରେ ସମାଧାନ ହୋଇଗଲା । ଆପଣଙ୍କର ଜମାଅତ୍ ଓ ଆପଣଙ୍କ ସଂପ୍ରଦାୟର ସଂସ୍ଥାପକଙ୍କ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିବାର ସୁଯୋଗ ପ୍ରାପ୍ତ ହେଲା । ମୁଁ ଜର୍ଜିୟା ଫେରି ଆପଣଙ୍କ ଜମାଅତର ବିଭିନ୍ନ ପୁସ୍ତକର ଅଧ୍ୟୟନ ଆରମ୍ଭ କରିବି । ମୁଁ ଆପଣଙ୍କୁ ଭେଟି ଅତ୍ୟନ୍ତ ଆନନ୍ଦିତ ହେଲି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ କୋସୋୱେରୁ ଆଗତ ଅତିଥି ଯେକି ମୁନସିପାଲଟି ଅଫ୍ ଦି କାନ୍‌ର ଅଫିସିଆଲ୍ ଡାଇରେକ୍ଟର ଅଫ୍ ଏଜୁକେସନ୍ ଅଟନ୍ତି, ସେ କୁହନ୍ତି: "ଜଲ୍‌ସା ଦିନମାନଙ୍କରେ ମୁଁ ବିଭିନ୍ନ ବକ୍ତାଙ୍କର ଭାଷଣ ଶୁଣିଲି, ଅନେକ କଥା ଶିଖିଲି ଏହି କଥାଗୁଡ଼ିକ ମୋ ସ୍ମରଣ ଶକ୍ତିରେ ସର୍ବଦା ଅଙ୍କିତ ହୋଇ ରହିବ। ମୁଁ କୋସୋୱାରେ ନିଜର ବନ୍ଧୁମାନଙ୍କୁ ଏବଂ ଅନ୍ୟ ସାଥିମାନଙ୍କୁ ଉକ୍ତ ଜଲସା ସଂକ୍ରାନ୍ତରେ କହିବାକୁ ଅତ୍ୟନ୍ତ ବ୍ୟାକୁଳ ଅଛି । ବିଶେଷ କରି ଉପସ୍ଥିତ ଖଲିଫାଙ୍କ ଦ୍ୱାରା ବର୍ଣ୍ଣିତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବି । ଏସବୁକୁ ବାଦ୍‌ଦେଲେ ମୁଁ ଓ ମୋ ବନ୍ଧୁମାନେ ଯେଉଁ ଅସାଧାରଣ ପ୍ରେମପୂର୍ଣ୍ଣ ଅତିଥି ସତ୍କାରକତାର ଅନୁଭବ କଲୁ ତାହା ଆମମାନଙ୍କର ହୃଦୟରେ ଚିର ଦିନ ପାଇଁ ରହିବ । ଅଲ୍ଲାଃତାଲା ସମସ୍ତଙ୍କୁ ଅଶେଷ ଅଶେଷ ପ୍ରସନ୍ନତା ପ୍ରଦାନ କରନ୍ତୁ ।"

କୋସୋୱାରୁ ଅବନୀ ଜଶ୍ଯାରୀ (Avni Jashari) ସାହେବ ନାମକ ଜଣେ ନବାଗତ ଅଟନ୍ତି । ମହୋଦୟ ଲିପ୍‌ଜାନ୍ (Lipjan) ମୁନସିପାଲିଟିର ମେୟର କାବିନାର ପ୍ରବନ୍ଧକ ଅଟନ୍ତି, ସେ କୁହନ୍ତି; "ମୋ ପାଇଁ ଅସାଧାରଣ ଓ ପ୍ରକୃତ ପ୍ରଭାବଶାଳୀ ଅନୁଭୂତି ଥିଲା । ମୁଁ ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନ ଓ ଅନ୍ୟାନ୍ୟ ଭାଷଣକୁ ଶୁଣିଲି ଏବଂ ଅତ୍ୟନ୍ତ ଆଗ୍ରହର ସହିତ ଏବଂ ପ୍ରଭାବଶାଳୀ ତଥ୍ୟର ଗନ୍ତାଘର ପ୍ରାପ୍ତ କଲି ଯାହାକି ସର୍ବଦା ମୋ ସାଥିରେ ରହିବ । ସେ କୁହନ୍ତି: "ମୁଁ ଉକ୍ତ କଥା ଉପରେ ଗୁରୁତ୍ୱାରୋପ କରିବାକୁ ଚାହୁଁଛି ଯେ, ଉକ୍ତ ଅନୁଭୂତି ଏବଂ ଅଭିଜ୍ଞତା ମୋ ଉପରେ ଗଭୀର ପ୍ରଭାବ ପକାଇଛି । ମୋ ନିମନ୍ତେ ଜଲ୍‌ସା ସାଲାନା ଜ୍ଞାନର ଏପରି ଏକ ଉଦ୍ୟାନ ଅଟେ ଯାହାକି ସହଯୋଗୀତା ଏବଂ ଭ୍ରାତୃତ୍ୱର ପରିପ୍ରକାଶକ ଏବଂ ଶୋଭାବର୍ଦ୍ଧକ ଅଟେ । ତତ୍‌ସହିତ ଏହା ଏପରି ଏକ ଅବସର ଥିଲା ଯେଉଁଠି ଆପଣଙ୍କ କମ୍ୟୁନିଟିର ଉଦାହରଣ କାର୍ଯ୍ୟ ଓ ନିରନ୍ତର ପ୍ରୟାସକୁ ଦର୍ଶାଯାଇଛି ଯେ, କିପରି ଜମାଅତ୍ ଅହେମଦିୟା ସମାଜର କଲ୍ୟାଣ କରିବା ସକାଶେ ଯୋଜନା ପ୍ରସ୍ତୁତ କରୁଅଛି ଏବଂ ପଦକ୍ଷେପ ଗ୍ରହଣ କରୁଅଛି ।"

ଇଲିଜାନ୍ (Elez Han) କୋସୋୱେର ମେୟର ମିଷ୍ଟର ମୁହମିତ୍ ସାହେବ କୁହନ୍ତି । ଏହି ଅସାଧାରଣ ଜଲ୍‌ସା ମୋ ମଧ୍ୟରେ ଏକ ଗଭୀର ଚିହ୍ନ ଛାଡ଼ିଛି ଏବଂ ମୁଁ ଏକତା, ଶାନ୍ତି, ମୈତ୍ରୀ, ପ୍ରିତୀ, ଏବଂ ଭ୍ରାତୃତ୍ୱତାର ଏହି ଉତ୍ସାହ ଦ୍ୱାରା ବେଶ୍ ପ୍ରଭାବିତ ହୋଇଅଛି ଯାହାକି ଉକ୍ତ ଇଜ୍‌ତିମାରା ପ୍ରତ୍ୟେକ ପକ୍ଷରେ ଆଚ୍ଛନ୍ନ ହୋଇଥିଲା । କାର୍ଯ୍ୟକ୍ରମ ସମୟରେ ଭାଷଣ ଅତ୍ୟନ୍ତ ଉତ୍କୃଷ୍ଟ ଧରଣର ଥିଲା । ବିଶେଷ କରି ଉପସ୍ଥିତ ଖଲିଫାଙ୍କ ଭାଷଣ ମୋ ପାଇଁ ଆଶ୍ଚର୍ଯ୍ୟକର ଏବଂ ବିଶ୍ୱାସବର୍ଦ୍ଧକ ଥିଲା । ବର୍ତ୍ତମାନ ମୁଁ ଇସ୍‌ଲାମ୍ ଧର୍ମକୁ ସଠିକ୍ ଭାବରେ ବୁଝି ପାରିଛି । ମୋତେ ପ୍ରବନ୍ଧକଙ୍କ ଅତିଥି ସତ୍କାରକତାର ପ୍ରଶଂସା ମଧ୍ୟ କରିବା ଉଚିତ୍ । ସମସ୍ତେ ଅତ୍ୟନ୍ତ ଉତ୍ତମ ଆତିଥ୍ୟତା ପ୍ରଦର୍ଶନ କରିଛନ୍ତି ।

ତାଜାକିସ୍ତାନରୁ ଆର୍କୁ କରୀମ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ମହୋଦୟ ଆରବୀ ଭାଷା ଓ ତାଜାକ୍ ଭାଷା ଉପରେ ଗଭୀର ଦଖଲ ରଖନ୍ତି ଏବଂ ମହୋଦୟ ଯାମିଆ ଅଜହରରୁ ଶିକ୍ଷା ପ୍ରାପ୍ତ ଅଟନ୍ତି । ମହୋଦୟ ଅନେକ ଆରବୀ ଭାଷାର ପୁସ୍ତକକୁ ତାଜିକ୍ ଭାଷାରେ ଅନୁବାଦ ମଧ୍ୟ କରି ସାରିଛନ୍ତି ଏବଂ ଅନେକ ତାଜିକ୍ ପୁସ୍ତକର ସେ ଲେଖକ ମଧ୍ୟ ଅଟନ୍ତି । ସେ କହିଲେ, ମୁଁ ଜଲ୍‌ସାକୁ ଅତ୍ୟନ୍ତ ଧ୍ୟାନପୂର୍ବକ ଶୁଣିବା ଏବଂ ଲୋକମାନଙ୍କୁ ଦେଖିବା ତଥା ଜମାଅତ୍ ଅହେମଦିୟାର ସେହି ବିଶିଷ୍ଟ ଗୁଣାବଳୀର ଚର୍ଚ୍ଚା ମଧ୍ୟ କରିବି ଯାହାକି ବର୍ତ୍ତମାନ ଅନ୍ୟ ଜମାଅତରେ ନିଶ୍ଚିହ୍ନ ହେବାକୁ ବସିଲାଣି । ତାହା ହେଉଛି ଅହେମଦିମାନଙ୍କର ସର୍ବୋଚ୍ଚ ଉତ୍ତମ ଚରିତ୍ର ।

(ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ପ୍ରତ୍ୟେକ ଅହେମଦିଙ୍କୁ ଅତ୍ୟନ୍ତ ସର୍ବୋଚ୍ଚ ନମୁନା ପ୍ରଦର୍ଶନ କରିବା ଉଚିତ୍) ମହୋଦୟ କୁହନ୍ତି; "ମୁଁ ଅନେକ ଇସ୍‌ଲାମୀୟ ସଂପ୍ରଦାୟରେ ଅନୁସନ୍ଧାନ ବା ଗବେଷଣା କରିଅଛି । ଜମାଅତ୍ ଅହେମଦିୟା ବର୍ତ୍ତମାନ ଇସ୍‌ଲାମୀୟ ଶିକ୍ଷା ଉପରେ ୨୨% ଭାଗ କାର୍ଯ୍ୟାନୁସରଣ କରୁଛି । ହେଲେ ଅନ୍ୟ ସମସ୍ତ ସଂପ୍ରଦାୟ ବର୍ତ୍ତମାନ ଇସଲାମ୍ ଧର୍ମର ଆଦେଶାବଳୀ ଉପରେ 1% ଭାଗ କାର୍ଯ୍ୟାନୁସରଣ କରୁଛନ୍ତି । ଗୋଟିଏ ବୁକ୍ ଷ୍ଟଲରେ ବିଭିନ୍ନ ଭାଷାରେ ଲିଟ୍ରେଚରଗୁଡ଼ିକର ପ୍ରଚାରିକ କାର୍ଯ୍ୟର ପ୍ରମାଣ ରହିଛି । ମୁଁ ଯୋଗଯୋଗ କରୁଥିବି ଓ ଜମାଅତ୍ ସଂପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଇଚ୍ଛୁକ ଅଟେ । ମୁଁ ଅଲ୍ଲାଃତାଲାଙ୍କ ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ଭୟ କରେ ନାହିଁ । ଉପସ୍ଥିତ ଖଲିଫାଙ୍କ ଭେଟି ମୋତେ ବହୁତ ଭଲ ଲାଗିଲା । ମୁଁ ଉପସ୍ଥିତ ଖଲିଫାଙ୍କ ଏହି କଥା ସହିତ ଏକମତ ଅଟେ ଯେ, ପ୍ରକୃତ ଦୁର୍ବଳତା ଆମମାନଙ୍କ ମଧ୍ୟରେ ହିଁ ରହିଛି ଓ ଆମମାନେ ସର୍ବଦା ସରକାର ଓ ରେଜିମି (regime)କୁ ଗାଳି ଦେଇଥାଉ । ମୁଁ ଆଶା କରୁଛି ଯେ, ମୁଁ ଆପଣଙ୍କୁ ପୁନଃ ଭେଟିବି ଏବଂ ଲାଭାନ୍ୱିତ ହେବି ।"

ତାଜାକିସ୍ତାନର ପ୍ରତିନିଧି ମଣ୍ଡଳ ମଧ୍ୟରେ ଜଣେ ତାଜିକ୍ ବନ୍ଧୁ ସାମିଲ୍ ଥିଲେ। ସେ କୁହନ୍ତି, "ଉପସ୍ଥିତ ଖଲିଫାଙ୍କୁ ସାକ୍ଷାତ୍ କରିବା ସମୟରେ ତାଜାକିସ୍ତାନର ରାଜନିତୀକ ସମସ୍ୟା ଓ ଧାର୍ମିକ କଟକଣା ଉପରେ ଖୁବ୍ ତୃପ୍ତପୂର୍ଣ୍ଣ କଥାବାର୍ତ୍ତା ଚାଲିଲା । ମୋତେ ଏକଥା ବହୁତ ଭଲ ଲାଗିଲା ଯେ, ଖଲିଫା ସମଗ୍ର ମାନବ ଜାତି ପ୍ରତି ଖୁବ୍ ଚିନ୍ତିତ ଅଟନ୍ତି । ସେ କୁହନ୍ତି, ଜଲ୍‌ସାକୁ ଆସିବା ପୂର୍ବରୁ ମୋତେ ନକାରାତ୍ମକ ସୂଚନା ପ୍ରଦାନ କରାଯାଇଥିଲା । କିନ୍ତୁ ମୋତେ ଆପଣଙ୍କ ଜମାଅତରୁ ଭ୍ରାତୃତ୍ୱତା ଏବଂ ମାନବିକତାର ଶିକ୍ଷା ଶିଖିବାକୁ ସୁଯୋଗ ପ୍ରାପ୍ତ ହେଲା ।"

ତାଜାକିସ୍ତାନର ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ତାଜାକିସ୍ତାନର ପ୍ରତିନିଧି ମଣ୍ଡଳରେ ଅନେକ ଆପତ୍ତିକର୍ତ୍ତା ସ୍ୱଭାବର ଅଧିକାରୀ ଜଣେ ବନ୍ଧୁ ସାମିଲ୍ ଥିଲେ । ସେ ଜଲ୍‌ସାର ପ୍ରଥମ ଦୁଇ ଦିନରେ କେବଳ ଆପତ୍ତି ହିଁ କରୁଥିଲେ । ଅର୍ଥାତ୍ ସେ ଗୋଟିଏ ଆପତ୍ତି ଏବଂ ପ୍ରଶ୍ନ ପାଚରୁଥିଲେ । ସେହି ଆପତ୍ତି ଓ ପ୍ରଶ୍ନର ଉତ୍ତର ନଶୁଣି ଦ୍ୱିତୀୟ ଆପତ୍ତି କରିଦେଉଥିଲେ । ତାଙ୍କର ବନ୍ଧୁମାନେ ତାଙ୍କୁ କହିଲେ କି ଆମମାନଙ୍କୁ ଦେଖିବା ଓ ଶୁଣିବା ମଧ୍ୟ ଉଚିତ୍ । କେବଳ ଆପତ୍ତି କଲେ କିଛି ଫାଇଦା ହେବ ନାହିଁ । ସେ ଯାହା ହେଉ ପୁନଶ୍ଚ ଜଲ୍‌ସାର ଦ୍ୱିତୀୟ ଦିନରେ ମୋ ସହିତ ସାକ୍ଷାତ୍ ହୋଇଥିଲା । ତାଙ୍କରି କଥା ଆରମ୍ଭ କଲି ଓ ତାଙ୍କରି ପରିଚୟ କରାଇଲି । ମାସ୍କ ପିନ୍ଧିଥିଲେ । ମୁଁ କହିଲି ମାସ୍କ ଓହ୍ଲାନ୍ତୁ ଟିକିଏ ନିଜର ଚେହେରା ତ' ଦେଖାନ୍ତୁ? ବିସ୍ତୃତ ଆଲୋଚନା ଚାଲିଲା । ସେ ଯାହା ହେଉ ମୁବଲ୍ଲିଗ୍ ସାହେବ କୁହନ୍ତି, ସାକ୍ଷାତ୍ କରିବା ପରେ ସେ ଅତ୍ୟନ୍ତ ପ୍ରସନ୍ନ ଚିତ୍ତର ଭାବାବେଗ ବ୍ୟକ୍ତ କଲେ ଯେ, ମୁଁ ଉପସ୍ଥିତ ଖଲିଫାଙ୍କୁ ଭେଟି ନେଇଛି ଏବଂ ଉପସ୍ଥିତ ଖଲିଫା ମୋତେ ଆଶୀର୍ବାଦ କଲେ । କିନ୍ତୁ ବଡ଼ ବିଚିତ୍ର କଥା ଏହିକି ଯେ, ଦୁଇ ଦିନ ଗଲା ପରେ ସେ କୌଣସି ଆପତ୍ତି ମଧ୍ୟ କଲେ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କର ହୃଦୟ ଏପରି ପରିଷ୍କାର ହୋଇଗଲା ଯେ, ତାଙ୍କର ସମସ୍ତ ଆପତ୍ତି ଓ ପ୍ରଶ୍ନ ସମାପ୍ତ ହୋଇଗଲା ।

ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିବା କେତେକ ଆରବ୍ୟ ବ୍ୟକ୍ତିମାନଙ୍କର ମନ୍ତବ୍ୟ ରହିଛି । ମୁହମ୍ମଦ୍ ଅଲୀ ସାହେବ ନାମକ ଜଣେ ଅତିଥି ଅଟନ୍ତି ସେ ସିରୀୟାର ଅଧିବାସୀ ଅଟନ୍ତି । ସେ କୁହନ୍ତି; "ମୋର ଜଣେ ବନ୍ଧୁଙ୍କ ମାଧ୍ୟମରେ ମୋତେ ଅହେମଦିୟତ୍‌ର ପରିଚୟ ପ୍ରାପ୍ତ ହୋଇଥିଲା । ମୋର ବନ୍ଧୁ ଜଣକ ମୋତେ ଜଲ୍‌ସାକୁ ସାଙ୍ଗରେ ନେଇ ଆସିଥିଲା । ମୋର ଏହି ଇଚ୍ଛା ଥିଲା କି ଦିନଟେ ଅତିବାହିତ କରି ସନ୍ଧ୍ୟାକୁ ଘରକୁ ଫେରିଯିବି । ଘର ପାଖରେ ଥିଲା । କାରଣ ଏଠାରେ ଆରାମ ଦାୟକ ଜାଗା ନଥିଲା । ଯେତେବେଳେ ମୁଁ ପରିବେଶ ଏବଂ ବ୍ୟବସ୍ଥାକୁ ଅନୁଧ୍ୟାନ କଲି କି ପ୍ରତ୍ୟେକ ବ୍ୟକ୍ତି ସ୍ମିତହାସ୍ୟତା ପ୍ରକାଶ କରୁଛି ଏବଂ ଅତ୍ୟନ୍ତ ସୁଖକର ପରିବେଶ ରହିଛି । ଅର୍ଥାତ୍ ସମସ୍ତେ ପରସ୍ପରକୁ ଜାଣନ୍ତି । ଏପରି ବାତାବରଣରେ ମୁଁ ଜୀବନରେ କେବେ ଦେଖି ନଥିଲି । ମୁଁ ନିଜର ଧାରଣା ଏବଂ ଇଚ୍ଛାକୁ ପରବର୍ତ୍ତନ କରିନେଲି । ମୁଁ ଏହା ଭାବିଲି ଯେ, ଜଲ୍‌ସାରେ ହିଁ ଭୂମି ଉପରେ ଶୋଇଯିବି । କିଛି ଫରକ୍ ପଡ଼ିବ ନାହିଁ ତଳେ ମ୍ୟାଟ୍‌ଗୁଡ଼ିକ ବିଛା ହୋଇଛି । ମହୋଦୟ କୁହନ୍ତି, ଜଲ୍‌ସାର ଦ୍ୱିତୀୟ ଦିନରେ ଅହେମଦିୟତ୍‌ର ସତ୍ୟତା ମୋ ମନରେ ବସା ବାନ୍ଧି ନେଲା । ମୁଁ ବୈଅତ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରିବାର ମନସ୍ଥ କରିନେଲି ଏବଂ ଅଲ୍ଲାଃତାଲା ଏଥି ନିମନ୍ତେ ମୋତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କଲେ । ମୁଁ ଅହେମଦିମାନଙ୍କର ବ୍ୟବସ୍ଥାର ନିୟମ ପାଳନ କରିବା, ଶୃଙ୍ଖଳା ରକ୍ଷା କରିବା ପ୍ରତି ଧ୍ୟାନ ରଖିଲି ଓ ଅଣବିକ୍ଷିପ୍ତତାରୁ ମୁଁ ବେଶ୍ ପ୍ରଭାବିତ ହୋଇଅଛି। ସେ ପଛେ ଅତିଥି ହୁଅନ୍ତୁ ଅବା ପ୍ରବନ୍ଧକ ବା ଆୟୋଜକ ହୁଅନ୍ତୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଦାୟିତ୍ୱକୁ ଭଲ ଭାବରେ ବୁଝନ୍ତି ।"

ଅବ୍ଦୁର୍ ରହେମାନ ଇସ୍ମାଇଲ୍ ସାହେବ ଉଲ୍ଲେଖ କରନ୍ତି; "ମୁଁ ଜଲ୍ସା ସାଲାନାରେ ପ୍ରଥମ ଥର କରି ସାମିଲ୍ ହୋଇଛି । ସମଗ୍ର ପୃଥିବୀରେ ଏପରି କୌଣସି ଗୋଷ୍ଠୀ ନାହିଁ ଯିଏ ଏପରି କାର୍ଯ୍ୟ କରୁଥିବ । ଉପସ୍ଥିତ ଶ୍ରୋତାମଣ୍ଡଳୀ ସମଗ୍ର ପୃଥିବୀରୁ ସାମିଲ ହେଲେ । କିନ୍ତୁ କୌଣସି ପ୍ରକାରର କଳହ ଏବଂ ହିଂସା ମୁଁ ଦେଖିବାକୁ ପାଇଲି ନାହିଁ । ପରସ୍ପର ମଧ୍ୟରେ ପ୍ରେମ, ଆନ୍ତରୀକତା ଏବଂ ଭ୍ରାତୃତ୍ୱ ସର୍ବୋଚ୍ଚ ଉଦାହରଣ ଅବଲୋକନ କଲି । ଯେଉଁ ଆଶା କରାଯାଉଥିଲା ତତୁର୍ଦ୍ଧ୍ୱ ସଂଖ୍ୟକ ଲୋକମାନେ ଜଲ୍ସାରେ ସାମିଲ୍ ହେଲେ ଏବଂ ମୋତେ ମଧ୍ୟ ତହିଁରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା । ଅବ୍ଦୁଲ୍ଲାଃ ଇଜ୍ଜତ୍ ଅକିଲି ନାମକ ଜଣେ ମିସରୀୟ ଅଧିବାସୀ ଅଟନ୍ତି ସେ ଆଜିକାଲି ଫ୍ରାନ୍ସରେ ଫିଜିକ୍ସ (ପଦାର୍ଥବିଜ୍ଞାନ) ରେ ଏମ୍.ଏ କରୁଛନ୍ତି । ସେ କୁହନ୍ତି; "ଫିଜିକ୍ସ୍‌ରେ ପ୍ରତ୍ୟେକ ବସ୍ତୁକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଇଥାଏ । ଅତଃ ପ୍ରତ୍ୟେକ ବସ୍ତୁରେ ସନ୍ଦେହ କରିବା ମୋର ସ୍ୱଭାବର ଅଂଶ ପାଲଟି ଯାଇଥିଲା । ଅନେକ ଦିନ ପୂର୍ବେ ମୁଁ ବୈଅତ୍ କରିସାରି ଥିଲି ଏବଂ ଜମାଅତ୍ ଅହେମଦିୟା ଓ ଖିଲାଫତ୍ ସହିତ ସଂପର୍କ ଏବଂ ସଂଶ୍ଳୀଷ୍ଟତା ମଧ୍ୟ ଥିଲା। କିନ୍ତୁ ଧୀରେ ଧୀରେ ଅନ୍ୟାନ୍ୟା ପ୍ରସଙ୍ଗ ବ୍ୟତୀତ ଜମାଅତ୍ ସଂପର୍କରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଗଲା ଏବଂ ମୁଁ ଜମାଅତ୍‌ରୁ ଦୂରେଇବାକୁ ଲାଗିଲି । ଚଳିତ ବର୍ଷ ମୁଁ ଜର୍ମାନୀର ଜଲ୍ସା ସାଲାନାରେ ସାମିଲ୍ ହେବା ନିମନ୍ତେ ଉପସ୍ଥିତ ହେଲି । ରେଜିଷ୍ଟ୍ରେସନରେ କିଛି ବିଳମ୍ବ ଘଟିଲା । (ରେଜିଷ୍ଟ୍ରେସନରେ ସମସ୍ୟା ଥିଲା ଅର୍ଥାତ୍ ସଠିକ୍ ସମୟରେ ପଞ୍ଜିକରଣ ହେଉ ନଥିଲା ଲୋକମାନେଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା କିନ୍ତୁ ସେ ଯାହା ହେଉ ତାଙ୍କୁ ଏହି ବିଳମ୍ବ ଲାଭ ପହଞ୍ଚାଇଦେଲା) ମୁଁ ଯେତେବେଳେ ଜଲ୍ସା ଗାହ୍‌ରେ ପ୍ରବେଶ କଲି ସେତେବେଳେ ଖୁତ୍‌ବା ଆରମ୍ଭ ହୋଇ ସାରିଥିଲା । ମୋ କାନରେ  ଯେଉଁ କଥା ପଡ଼ିଲା ତାହା ଏହା ଥିଲା କି ମନୁଷ୍ୟ ଯଦି ପ୍ରତ୍ୟେକ କଥାରେ କୁଧାରଣା କରିବାକୁ ଲାଗେ ତାହାହେଲେ ସମ୍ଭବତଃ ମୁହୂର୍ତ୍ତକ ପାଇଁ ମଧ୍ୟ ସଂସାରରେ ସମୟ ଅତିବାହିତ କରିବା କଷ୍ଟକର ହୋଇ ପଡ଼ିବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଉକ୍ତ ଆଲେଖ୍ୟଟି ହ. ମସିହ୍ ମଉଦ୍ ଅ.ସଙ୍କର ପାଠ କରୁଥିଲି ।  କୁଧାରଣା ପ୍ରକାଶକାରୀ ବ୍ୟକ୍ତି ଜଳ ମଧ୍ୟ ପାନ କରିପାରିବ ନାହିଁ କାରଣ ତା' ମନରେ ଏହି ସନ୍ଦେହ ସୃଷ୍ଟି ହେବ ଯେ, ଉକ୍ତ ଜଳରେ ବିଷ ମିଶାଇ ଦିଆଯାଇଥିବ । ବଜାରର ଜିନିଷପତ୍ର ଖାଇ ପାରିବ ନାହିଁ । କାଳେ ସେହି ଖାଦ୍ୟରେ ପ୍ରାଣନାଶକ ଜିନିଷି ମିଶାଇ ଦିଆଯାଇଥିବ । ପୁନଶ୍ଚ କିପରି ସେ ଜୀବିତ ରହି ପାରିବ? (ମଲ୍‌ଫୁଜାତ୍, ଭାଗ-3, ପୃ-73, ସଂସ୍କରଣ ବର୍ଷ 1984 ମସିହାରୁ ଉଦ୍ଧୃତ)

ମହୋଦୟ କୁହନ୍ତି; "ଉକ୍ତ କଥା ଶୁଣିବା ମାତ୍ରେ ମୁଁ ଭିତରେ ଭିତରେ ଦୋଦୁଲ୍ୟମାନ ହୋଇ ରହିଗିଲ । ଏପରି ପ୍ରତିତ ହେବାକୁ ଲାଗିଲା ଯେପରିକି ମୋର ଏହି ସମୟରେ ଜଲ୍ସାକୁ ଆସିବା ଈଶ୍ୱରଙ୍କ ନିୟତିକୃତ ବିଧାନ ଥିଲା । କାରଣ ପ୍ରଥମ ବାକ୍ୟରେ ହିଁ ରୋଗର ଉପଚାର ନିହିତ ରହିଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ଉକ୍ତ ବାକ୍ୟଟି ମୋତେ ଆକ୍ଷେପ କରି କୁହାଯାଉଛି । ଏହା କୌଣସି ସଂଯୋଗ ତଥା ଦୈବାତ୍ କଥା ହୋଇପାରିବ ନାହିଁ । ଗଭୀର ଭାବରେ ଏହାର ପ୍ରଭାବ ମୋ ହୃଦୟ ଉପରେ ପଡ଼ିଲା ଏବଂ ଅଲ୍ଲାଃତାଲାଙ୍କ କୃପାରୁ ମୋ ମନରୁ ସମସ୍ତ ସନ୍ଦେହ ଓ କୁଧାରଣା ଦୂରୀଭୂତ ତଥା ସମାପ୍ତ ହୋଇଗଲା । **ଅଲ୍‌ହମଦୁଲ୍ ଲିଲ୍ଲାଃ** । ଅଲ୍ଲାଃତାଲା ମୋତେ ଜଲ୍ସା ସାଲାନାରେ ସାମିଲ୍ ହେବା ଯୋଗୁଁ ମୋତେ ସମସ୍ତ ଆଶଙ୍କା ଓ ସନ୍ଦେହ ତଥା ଭ୍ରାନ୍ତଧାରଣାରୁ ମୁକ୍ତି ପ୍ରଦାନ କଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାରେ ସେ ସ୍ୱୟଂ ମୋତେ ବଖାଣିଥିଲେ ।"

କ୍ୟାମରୁନ୍‌ରୁ ଜଣେ ଇମାମ୍ ସାହେବ ଜଲ୍ସାକୁ ଆସିଥିଲେ । ମହୋଦୟ ସେଠାକାର ଅର୍ଥାତ ଡୋଭାଲା (Dovala)ର ବରିଷ୍ଠ ତଥା ସହରର ମୁଖ୍ୟ ଇମାମ୍ ଅଟନ୍ତି । ମହୋଦୟ ଦୁଇଟି ଅଞ୍ଚଳର ବିଦ୍ୱାନ୍ କାଉନସିଲର୍ ଚେୟାରମ୍ୟାନ ମଧ୍ୟ ଅଟନ୍ତି । ମହୋଦୟ ଅଣଅହେମଦି ଅଟନ୍ତି । ମୁଁ ପ୍ରଥମ ଥର ପାଇଁ ଏତେ ବଡ଼ କାର୍ଯ୍ୟକ୍ରରେ ସାମିଲ୍ ହୋଇଛି ।

ମୋ ପାଇଁ ଉକ୍ତ କଥାଟି ଅତ୍ୟନ୍ତ ଆଶ୍ଚର୍ଯ୍ୟକର ଅଟେ ଯେ, ଜଲ୍ସା ସାଲାନାରେ ବିଭିନ୍ନ ବର୍ଣ୍ଣର ଲୋକମାନେ ସମସ୍ତେ ଆନନ୍ଦର ସହକାରେ ପରସ୍ପରକୁ ସାକ୍ଷାତ୍ କଲେ ଏବଂ  ପରସ୍ପର ମଧ୍ୟରେ ସମସ୍ତେ ଏକ ପରିବାରର ସଦସ୍ୟବୃନ୍ଦଙ୍କ ପରି ପ୍ରେମ ଓ ଆନ୍ତରୀକତାର ସହିତ ପରସ୍ପରକୁ ଭେଟିଲେ । ତିନି ଦିନ ମଧ୍ୟରେ ମୁଁ କୌଣସି ପ୍ରକାରର ଅପ୍ରିତୀକର ଘଟଣା ଯଥା ହିଂସା ଓ କଳହ ଇତ୍ୟାଦି ଦେଖିବାକୁ ପାଇଲି ନାହିଁ। ପ୍ରଦର୍ଶନୀରେ ଯାଇ ଏହା ଜଣା ପଡ଼ିଲା ଯେ, ମୁଁ ଜମାଅତ୍‌ର ସେବା ଦ୍ୱାରା ବେଶ୍ ପ୍ରଭାବିତ ହୋଇଛି । ଇମାମ୍ ଜମାଅତ୍‌ଙ୍କ ଉଦ୍‌ବୋଧନଗୁଡ଼ିକ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣ ଥିଲା । ଇସ୍‌ଲମୀୟ ଶିକ୍ଷାର ସର୍ବୋତ୍କୃଷ୍ଟ ଛବି ପ୍ରତିବିମ୍ବିତ ହେଉଥିଲା । ମହିଳାମାନଙ୍କୁ ହୁଜୁରଙ୍କ ଉଦ୍‌ବୋଧନ ମୋତେ ବହୁତ ପ୍ରଭାବିତ କରିଥିଲା । ଆମେମାନେ ଯଦି ଏହି ସମସ୍ତ ଉପାଦେୟ ମାର୍ଗଦର୍ଶିକା ଅନୁଯାୟୀ ଜୀବନ ଅତବାହିତ କରିବାକୁ ଆରମ୍ଭ କରିଦେଉ ତେବେ ଏହି ଜୀବନଟା ବୈକୁଣ୍ଠମୟ ପାଲଟିଯିବ । ପୁନଶ୍ଚ ମହୋଦୟ କୁହନ୍ତି ଜଲ୍ସା ସାଲାନା ସମୟରେ ଇମାମ୍ ଜମାଅତ୍‌ଙ୍କ ଅଣଅହେମଦି ଅତିଥିଙ୍କୁ ଉଦ୍‌ବୋଧନ ଇସ୍‌ଲାମୀୟ ଶିକ୍ଷା ଦ୍ୱାରା ପରିପୂର୍ଣ୍ଣ ଓ ପର୍ଯ୍ୟବେସିତ ଥିଲା। ଇମାମ୍ ଜମାଅତ୍ ଏପରି ଶିକ୍ଷା ଉପସ୍ଥାପିତ କଲେ ଯେ, ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ନିଜର ଧର୍ମ ଉପରେ ବିଚାର କରିବା ଉଚିତ୍ । ଆମ ସମସ୍ତଙ୍କୁ ବ୍ୟବହାରିକ ରୂପେ ଉକ୍ତ ଶିକ୍ଷାକୁ ସମଗ୍ର ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଉଚିତ୍ । ସାଂପ୍ରତିକ ସମୟରେ ଅଲ୍ଲାଃତାଲା ଜମାଅତ୍ ଅହେମଦିୟାର ଖଲିଫାଙ୍କୁ ସର୍ବୋତ୍କୃଷ୍ଟ ଇସ୍‌ଲାମୀୟ ଶିକ୍ଷା ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ନିମନ୍ତେ ଛିଡ଼ା କରିଛନ୍ତି । ମହୋଦୟ ପୁନଶ୍ଚ କୁହନ୍ତି, ଅନ୍ୟ ଯେଉଁ ବିଦ୍ୱାନ୍‌ମାନଙ୍କର ଭାଷଣ ଦ୍ୱାରା ମୋ ଜ୍ଞାନରେ ଅଭିବୃଦ୍ଧି ଘଟିଛି ।

ଚେକ୍ ରିପବ୍ଲିକ୍‌ରୁ ଡାନିଏଲ୍ ସାହେବ ନାମକ ଜନୈକ ଅବସରପ୍ରାପ୍ତ ଅଧ୍ୟାପକ ଏଥର ଜଲ୍ସା ସାଲାନାରେ ସାମିଲ୍ ହୋଇଥିଲେ । ସେ କୁହନ୍ତି, ଜଲ୍ସା ସାଲାନା ହେଉଛି ମୋର ପ୍ରଥମ ଥରର ଅନୁଭୂତି । ଅନେକ ବସ୍ତୁ ମୋତେ ପ୍ରଭାବିତ କରିଛି । ଯଥା- ନମାଜ ସମୟରେ ମୁଁ ଏହା ଅବଲୋକନ କଲି ଯେ, ଉପସ୍ଥିତ ଖଲିଫାଙ୍କ ସହିତ ଜମାଅତ୍‌ର ସଦସ୍ୟବୃନ୍ଦ ଯେଭଳି ଢଙ୍ଗରେ ନମାଜ ପାଠ କରୁଥିଲେ ଏପରି ପ୍ରତିତ ହେଉଥିଲା ଯେପରିକି ଉପସ୍ଥିତ ଖଲିଫାଙ୍କ ଶ୍ୱାସର ସହିତ ସେମାନେ ଶ୍ୱାସ ଗ୍ରହଣ କରୁଥିଲେ । ଅର୍ଥାତ୍ ସେମାନେ ଏକ ଅସ୍ତିତ୍ୱ ପାଲଟି ଯାଇଛନ୍ତି । ମୁଁ ସଂସାରରେ ଅନେକ ଜାତି, ଧର୍ମ ଓ ବର୍ଣ୍ଣର ଲୋକମାନଙ୍କୁ ଦେଖିଛି । କିନ୍ତୁ ଏପରି ଏକତା ଏବଂ ଏକମୁଖୀତା ଆଜି ପ୍ରଥମ ଥର ଦେଖିବାକୁ ସୁଯୋଗ ପ୍ରାପ୍ତ ହୋଇଛି । ଏହାକୁ ଦେଖି ହୃଦୟ ଅତ୍ୟନ୍ତ ବିଭୋର ଏବଂ ଆନନ୍ଦିତ ହୋଇଛି । ଡାନିଏଲ୍ ସାହେବ ଅତିରିକ୍ତ ଚର୍ଚ୍ଚା କୁହନ୍ତି, ପୁନଶ୍ଚ ଅତିରିକ୍ତ କୁହନ୍ତି, ସଂସାରରେ ବଡ଼ ବଡ଼ ପ୍ରଦର୍ଶନୀରେ ଯିବାକୁ ସୁଯୋଗ ମିଳିଛି । ସେହି ପ୍ରଦର୍ଶନୀଗୁଡ଼ିକରେ ଯେଉଁଠି ବି ସିକ୍ୟୁରିଟି ଦେଖିଲି ସେଠାରେ ସିକ୍ୟୁରିଟି କର୍ମୀମାନଙ୍କର ତିକ୍ତ ଆଚରଣ ହିଁ ଦେଖିବାକୁ ପାଇଥିଲି । କିନ୍ତୁ ଉକ୍ତ ଜଲ୍ସା ସାଲାନାରେ ସିକ୍ୟୁରିଟିରୁ ଆରମ୍ଭ କରି ପ୍ରତ୍ୟେକ କର୍ମୀମାନଙ୍କର ମୁଖରେ ସ୍ମିତହାସ୍ୟ ହିଁ ଲକ୍ଷ୍ୟ କଲି, ବିନମ୍ରତା ଦେଖିଲି । ନିଃସନ୍ଦେହ ରୂପେ ଏହାର ସକାରାତ୍ମକ ପ୍ରଭାବ ସଂପୂର୍ଣ୍ଣ ଜଲ୍ସାର ପରିବେଶ ଉପରେ ପଡ଼ିଛି । ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସ୍ଥାପନ ହୋଇଥିଲା । ଏତେ ବିଶାଳ ଜନଗହଳିରେ ବିନା କୌଣସି ଅବାଧା ଭାବରେ ଚାଲିବା ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଅଟେ । କେତେକ ଅହେମଦିମାନେ ସିକ୍ୟୁରିଟି କର୍ମୀମାନଙ୍କ ବିରୁଦ୍ଧରେ ଅଭିଯୋଗ କରିଥାଆନ୍ତି । କିନ୍ତୁ  ଏହା ଭଗବାନଙ୍କ କୃତଜ୍ଞତା ଏହିକି ଯେ, ଅଣଅହେମଦିଙ୍କୁ ସିକ୍ୟୁରିଟିମାନଙ୍କର ଆଚରଣ ଭଲ ଲାଗିଲା । ପ୍ରାୟତଃ ଗୋଟେ ଅଧେ ସୁରକ୍ଷାକର୍ମୀମାନେ ଏପରି ଆଚରଣ ପ୍ରଦର୍ଶନ କରିଥିଲେ କିମ୍ବା ବେଳେବେଳେ କୌଣସି ଅଞ୍ଚଳରେ ସେମାନେ ନିୟମ ପାଳନ କରିଥିବେ । କିନ୍ତୁ ସାମୂହିକ ରୂପେ ସୁରକ୍ଷାକର୍ମୀମାନେ ମଧ୍ୟ ଉତ୍ତମ ଡିଉଟି କରିଥାଆନ୍ତି । ପୁନଶ୍ଚ ଡାନିଏଲ୍ ସାହେବ ହୁଜୁର ଅନ୍‌ୱର୍ ଅ.ବଙ୍କ ସହିତ ସାକ୍ଷାତ୍ ସଂକ୍ରାନ୍ତରେ ଚର୍ଚ୍ଚା କରି କୁହନ୍ତି: "ମୁଁ ଉକ୍ତ ଜଲ୍ସାରେ ଯୋଗ ଦେଇ ଓ ଜଲ୍ସାକୁ ଦେଖି ବହୁତ ପ୍ରଭାବିତ ହେଲି ଏବଂ ମୁଁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରୁଛି। ଏହି ସାକ୍ଷାତ୍ ମଧ୍ୟ ମୋ ଜୀବନର ଏକ ଅଭିନ୍ନ ଅଙ୍ଗ ଅଟେ । ମୁଁ ଆପଣଙ୍କ କଥାରୁ ଅନେକାଂଶରେ ଉପକୃତ ହୋଇଛି ।"

ଚେକ୍ ରିପ୍ଲବିକରୁ ଆଉ ଜଣେ ଯୁବକ ଅତିଥି ଆସିଥିଲେ । ସେ କୁହନ୍ତି: "ଉକ୍ତ ଜଲ୍ସା ସାଲାନାରେ ଅହେମଦିମାନଙ୍କ ମଧ୍ୟରେ ମୋତେ ଈଶ୍ୱର ଦେଖା ଦେଇଛନ୍ତି। ଅନେକ ଲୋକମାନେ ଉଦ୍ୟମ କରିଥାଆନ୍ତି ଯେ, ଈଶ୍ୱରଙ୍କ ସଂକ୍ରାନ୍ତରେ ଅବଗତ କରନ୍ତୁ । କିନ୍ତୁ ଉକ୍ତ ଜଲ୍ସା ଅବସରରେ ଲୋକମାନେ ନୀରବ, ଉତ୍ତମ ଚରିତ୍ରକୁ ଦେଖି ମୋତେ ଆପଣଙ୍କ ଜମାଅତ୍‌ରେ ଈଶ୍ୱରଙ୍କ ଅସ୍ତିତ୍ୱ ଦୃଶ୍ୟମାନ ହୋଇଛନ୍ତି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ମଧ୍ୟ ଏକ ଗୁପ୍ତ ତବ୍‌ଲିଗ୍ ଅଟେ ।

ଲିଥୁଆନିୟା ବିଶ୍ୱବିଦ୍ୟାଳୟର ଗିନ୍ତାରେ ସରେ କାଏତେ (Gintare Serekaite) ସାହେବ ନାମକ ଜନୈକ ଆରବୀ ଅଧ୍ୟାପକ ଜଲ୍ସାରେ ସାମିଲ ହୋଇଥିଲେ । ସେ ସ୍ୱେଚ୍ଛାକୃତ ଭାବରେ "**ଇସ୍‌ଲାମୀ ଉସୁଲି କି ଫଲାସଫି**"ର ଲିଥୁଏନିଆନ୍ ଭାଷାରେ ଅନୁବାଦ ମଧ୍ୟ କରିଛନ୍ତି । ସେ କୁହନ୍ତି ଯେ, ଇସ୍‌ଲାମୀୟ ଜଗତରେ ଜମାଅତ୍ ଅହେମଦିୟାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରାପ୍ତ ହୋଇଛି । ଜମାଅତ୍ ଅହମଦିୟା ଯେଭଳି ଭାବରେ ଅଣଅହେମଦି ଏବଂ ଅଣମୁସଲମାନମାନଙ୍କ ସହିତ ଯୋଗଯୋଗ ତଥା ସଂପର୍କେ ରଖିଥାଏ ଅନ୍ୟ କୌଣସି ଜମାଅତ୍ ଏପରି ଯୋଗାଯୋଗ ଏବଂ ସଂପର୍କ ରଖନ୍ତି ନାହିଁ । ଜଣେ ଗବେଷକ ହିସାବରେ ଇସ୍‌ଲାମୀୟ ସଂସ୍କୃତି ଏବଂ ଇସ୍‌ଲାମୀୟ ବର୍ଣ୍ଣନାରେ ଖୁବ୍ ଅଭିରୁଚି ରଖନ୍ତି । କିନ୍ତୁ ଲିଥୁଆନିୟାରେ ଜମାଅତ୍ ଅହେମଦିୟା ବ୍ୟତୀତ ଅନ୍ୟ କୌଣସି ଇସ୍‌ଲାମୀୟ ସଂପ୍ରଦାୟ ସହିତ ସାକ୍ଷାତ୍ କରିବା ଓ ଯୋଗାଯୋଗ ରଖିବା ଅତ୍ୟନ୍ତ କଷ୍ଟକର ଅଟେ । ଜଲ୍ସା ସାଲାନ ମୋତେ ଭବ୍ୟ ଅବସର ପ୍ରଦାନ କରିଛି ଯେ, ମୁଁ ଜମାଅତ୍ ଅହେମଦିୟାକୁ ପ୍ରତ୍ୟେକ ଦୃଷ୍ଟିରୁ ପରଖି ପାରିବି । ନିଃସନ୍ଦେହ ରୂପେ ଜମାଅତ୍ ଅହେମଦିୟା ନିଜରଆଦର୍ସ ଉକ୍ତି "**ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ**" ଉପରେ ପ୍ରକୃତ ରୂପେ କାର୍ଯ୍ୟାନୁସରଣ କରୁଛି । ଏଠାରେ ମୋତେ 47,000 ଲୋକମାନଙ୍କ ଗହଣରେ କୌଣସି ଅପରିଚିତତା ଅନୁଭବ ହେଲା ନାହିଁ ।

ପୁନଶ୍ଚ ଲିଥୁଆନିୟାରୁ ଜେରୋନିମାସ (Jeronimas) ନାମକ ଜନୈକ ବିଶିଷ୍ଟ ଲେଖକ ତଥା ସାମ୍ବାଦିକ କୁହନ୍ତି: "ସଂସାରରେ ପରିବ୍ୟାପ୍ତ ଏବଂ ବିଦ୍ୟମାନ ଥିବା ଅଶାନ୍ତି, ଦାରିଦ୍ର୍ୟତା ଦ୍ୱାରା ମୁଁ ଅତ୍ୟନ୍ତ ଚିନ୍ତିତ ଅଟେ । ମୁଁ ସବୁବେଳେ ଏହା ଭାବିଥାଏ ଯେ, ଏପରି ବିଷମ ପରିସ୍ଥିତିରେ ଜଣେ ସାଧାରଣ ବ୍ୟକ୍ତି କ'ଣ କରିପାରିବ? କିନ୍ତୁ ଯେତେବେଳେ ଏହି ପ୍ରଶ୍ନ ମୁଁ ଉପସ୍ଥିତ ଖଲିଫାଙ୍କୁ ପ୍ରଶ୍ନ କଲି ସେତେବେଳେ ମୋତେ ସନ୍ତୋଷଜନକ ଉତ୍ତର ପ୍ରାପ୍ତ ହେଲା । କାରଣ ମନୁଷ୍ୟ ଜୀବନର ଅଭିପ୍ରାୟ ତାହା ହିଁ ଯାହା ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି । ଅର୍ଥାତ୍ ମନୁଷ୍ୟ ଜନ୍ମ ହେବାର ଅଭିପ୍ରାୟ ଅଲ୍ଲାଃତାଲାଙ୍କର ଉପାସନା କରିବା ଅଟେ। ଲୋକମାନଙ୍କୁ ଉକ୍ତ କଥାକୁ ମସ୍ତିଷ୍କରେ ରଖିବା ଉଚିତ୍ ଯେ, ମୃତ୍ୟୁ ପରେ ଆଉ ଏକ ଜୀବନ ରହିଛି । ଯାହା ସାର୍ବକାଳୀନ ଜୀବନ ଅଟେ । ଲୋକମାନେ ଯଦି ଏଥିପ୍ରତି ଧ୍ୟାନ ନଦିଅନ୍ତି ତେବେ ସଂସାରରେ ସର୍ବଦା ଅଶାନ୍ତି ଲାଗି ରହିଥିବ । ମୁଁ ଉକ୍ତ କଥା ଜାଣି ଅତ୍ୟନ୍ତ ପ୍ରସନ୍ନ ହେଲି ଯେ, ଉପସ୍ଥିତ ଖଲିଫାଙ୍କ ଧ୍ୟାନ ଆରମ୍ଭରୁ ହିଁ ଉକ୍ତ ସମସ୍ୟା ପ୍ରତି ରହିଛି ଏବଂ ସେ ଲୋକମାନଙ୍କୁ ନିଜର ଖୁତ୍‌ବା (ଶୁକ୍ରବାରୀୟ ଉଦ୍‌ବୋଧନ) ଉଦ୍‌ବୋଧନରେ ସଂସାରର ସମସ୍ୟାର ସମାଧାନ ମଧ୍ୟ କହୁଛନ୍ତି ।"

କିର୍ଗିସ୍ତାନରୁ କାଚିଭ୍ (Kachiev) ସାହେବ ନାମକ ଜନୈକ ଅତିଥି ଆସିଥିଲେ। ସେ କୁହନ୍ତି: "ଜଲ୍‌ସା ସମୟରେ ମୁଁ ନିଜର ଧର୍ମ ଏବଂ ଜମାଅତ୍ ସଂପର୍କରେ ଅନେକ କଥା ଶିକ୍ଷା କଲି । ମୋତେ ମୋର ଅନେକ ପ୍ରଶ୍ନର ଉତ୍ତର ମିଳି ଯାଇଛି । ମୁଁ ନିଜ ଜୀବନରେ ପ୍ରଥମ ଥର ଜଲ୍‌ସାରେ ସାମିଲ୍ ହୋଇଛି ଏବଂ ପ୍ରଥମ ଥର ବିଦେଶକୁ ବାହାରିଛି । ମୁଁ ଜାଣି ନଥିଲି ଯେ, ଜଲସାରେ ଏତେ ସଂଖ୍ୟକ ଲୋକମାନଙ୍କର ଭିଡ଼ ହେବ । ମୁଁ ସେଠାରେ ହୋଇଥିବା ସମସ୍ତ କଥା ଶୁଣିଲି ଯାହାକି ମୋତେ ବହୁତ ରୋଚକ ଲାଗିଲା । ସବୁକିଛି ଉତ୍କୃଷ୍ଟତମ ଥିଲା ।

କାଜାଖସ୍ତାନରୁ ଆଗତ ଅଲୀ ବେଗ୍ ସାହେବ ନାମକ ଜନୈକ ଅହେମଦି ବନ୍ଧୁ କୁହନ୍ତି : "ଜଲ୍‌ସାରେ ସାମିଲ ହୋଇ ମୋତେ ବହୁତ ଭଲ ଲାଗିଲା । ଯେତେବେଳେ ମୁଁ ବୈଅତ୍ କଲି ସେତେବେଳେ ଏହାର ଅନୁଭୂତି ସଂପୂର୍ଣ୍ଣ ଭିନ୍ନ ଓ ନିଆରା ଥିଲା। ଯେତେବେଳେ ଉପସ୍ଥିତ ଖଲିଫାଙ୍କ ସହିତ ସାକ୍ଷାତ୍ କଲି ସେତେବେଳେ ସମସ୍ତ ଭାବାବେଗ, ଅନୁଭୂତି ନିଜର ଚରମ ସୀମାରେ ପହଞ୍ଚି ଯାଇଛି । ଜଲ୍‌ସାକୁ ଆସିବାର ମୋର ଅଭିପ୍ରାୟ ସାର୍ଥକ ହୋଇଯାଇଛି । ଜଲ୍‌ସାରେ ସାମିଲ୍ ହେବାର ପ୍ରଭାବ ଏତେ ମାତ୍ରାରେ ପଡ଼ିଲା କି ମୋର ପତ୍ନୀ ଏବଂ ମୋର ସନ୍ତାନମାନେ ମଧ୍ୟ କହୁଥିଲେ ଯେ, ମୁଁ କୁଆଡ଼େ ବଦଳି ଯାଇଛି । ଆସନ୍ତା ବର୍ଷ **ଇନ୍‌ଶାଅଲ୍ଲାଃ** ପତ୍ନୀ ଓ ସନ୍ତାନମାନଙ୍କ ସହିତ ଜଲ୍‌ସାରେ ସାମିଲ ହେବା ନିମନ୍ତେ ଆଶା କରିଛି ।"

ତୁର୍କୀର ୟାସ୍‌ମିନ୍ ସାହେବା ନାମକ ଜନୈକ ମହିଳା ଅଟନ୍ତି । ବୃତ୍ତିରେ ସେ ଜଣେ ଶିକ୍ଷୟତ୍ରୀ ଅଟନ୍ତି । ସେ ଜର୍ମାନୀରେ ହିଁ ବାସ କରନ୍ତି । ସେ କୁହନ୍ତି; "ମୁଁ ଜଲ୍‌ସାରେ ସାମିଲ୍ ହେଲି ଏବଂ ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନ ମୋ ପ୍ରଶ୍ନର ଉତ୍ତର ଥିଲା । ଜଲ୍‌ସାର ପରିବେଶ ମୋତେ ବହୁତ ପସନ୍ଦ ଆସିଲା । ଏତେ ବିଶାଳ ସମ୍ମିଳନୀ ସତ୍ତ୍ୱେ ଏତେ ଅଧିକ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ପ୍ରତ୍ୟେକ କାର୍ଯ୍ୟ କରିବା ମୋ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ । ଏତେ ସଂଖ୍ୟକ ଲୋକମାନଙ୍କର କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଏବଂ ସେମାନଙ୍କୁ ପ୍ରେମର ଡୋରରେ ଗ୍ରଥିତ କରିବା ଏକ ଅସାଧାରଣ ଏବଂ ଆଶ୍ଚର୍ଯ୍ୟକର କଥା ଥିଲା । ମହୋଦୟା କୁହନ୍ତି: "ସାରାଂଶ ଏହିକି ଯେ, ସେଠାରେ ଯାହା କିଛି କୁହାଯାଇଛି ଏବଂ ଯେଉଁ ଚିନ୍ତାଧାରର ପରିପ୍ରକାଶ କରାଯାଇଛି ସେହି ମାନସିକତାକୁ ମୁଁ ଅନ୍ୱେଷଣ କରିଥିଲି । ସେଦିନ ମୁଁ ଏକ ପଜଲ୍ (puzzle)(ବୁଦ୍ଧିବଣା କରିବା/ହେବା)ର ପ୍ରତ୍ୟେକ ଅଂଶକୁ ନିଜ ନିଜ ସ୍ଥାନରେ ପୁରା ଫିଟ୍ ବସୁଥିବାର ଅବଲୋକନ କଲି ।

ସର୍ବିୟାରୁ ଆଗତ ସ୍ତାନିସ୍ଲାଭ୍ (Stanislav) ନାମକ ଜନୈକ ସାମ୍ବାଦିକ ନିଜ ଚିନ୍ତାଧାରର ପରିପ୍ରକାଶ କରନ୍ତି ଯେ, ମୁଁ ଆର୍ଥୋଡିକ୍ସ ଖ୍ରୀଷ୍ଟାବଲମ୍ବୀ ହେବା ସତ୍ତ୍ୱେ ଏବଂ ଇଣ୍ଟରନେଟ୍‌ରେ ଆପଣଙ୍କ ବିରୁଦ୍ଧରେ ଘୃଣା ବ୍ୟାପିବା ସତ୍ତ୍ୱେ ମୁଁ ଆପଣଙ୍କ ଜମାଅତରୁ ବେଶ୍ ପ୍ରଭାବିତ ହୋଇଅଛି । ଆପଣମାନଙ୍କର ବ୍ୟବସ୍ଥା, ଆୟୋଜନ ଓ ପରିଚାଳନା ମୋତେ ଆଶ୍ଚର୍ଯ୍ୟ ଚକିତ କରିଦେଇଛି । ମୁଁ ଦୁଃଖିତ ଯେ, ଆମେମାନେ ଅହେମଦିୟତ୍‌ର ପ୍ରକୃତ ଶିକ୍ଷାକୁ ସଂସାରରେ ବ୍ୟାପକ ସ୍ତରରେ ପ୍ରସାରିତ ଓ ପ୍ରଚାରିତ କରିପାରୁ ନାହୁଁ । ଆମେମାନେ ଆପଣଙ୍କ ଆଦର୍ଶ ଉକ୍ତି "**ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ**"କୁ ପ୍ରତ୍ୟେକ ପାଦରେ ଅବଲୋକନ କଲି । ମୋତେ ଆୟୋଜକଙ୍କ ଠାରେ ଓ ନା ହିଁ 40,000 ସଦସ୍ୟଙ୍କ ମଧ୍ୟରେ କୌଣସି ଖରାପ କଥା ଦେଖିବାକୁ ମିଳିଛି । ପ୍ରତ୍ୟେକ ସ୍ଥାନରେ ଶାନ୍ତି ହିଁ ବିରାଜମାନ ରହିଥିଲା । ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ଏପରି ସମ୍ମାନ ପ୍ରଦର୍ଶନ କରୁଥିଲା ଯେପରି ଶିକ୍ଷା ଆପଣଙ୍କର ରହିଛି । ମୋ ପକ୍ଷେ ଏହାକୁ ଶବ୍ଦରେ ବର୍ଣ୍ଣନା କରିବା ଅତ୍ୟନ୍ତ କାଠିକର ପାଠ ଅଟେ ।

ସର୍ବିୟାରୁ ଆଗତ ମିଆ (Mia) ସେହେବା ନାମକ ଜନୈକା ମହିଳା କୁହନ୍ତି; "ମୋ ମନରେ ଜଲ୍‌ସା ସାଲାନାର ବ୍ୟବସ୍ଥା, ବକ୍ତା ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କ ସଂକ୍ରାନ୍ତରେ ସକାରାତ୍ମକ ପ୍ରତିକ୍ରିୟା ରହିଛି । ସବୁଠୁ ବେଶୀ ମୁଁ ଖଲିଫାଙ୍କର ଲଜନାମାନଙ୍କୁ ଉଦ୍‌ବୋଧନ ଦେବା ହେତୁ ପ୍ରଭାବିତ ହୋଇଛି । ସେହିପରି ମୁଁ ଆୟୋଜକଙ୍କ ସମସ୍ତ ବ୍ୟବସ୍ଥା ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ।"

ପୁନଶ୍ଚ ଜଣେ ସ୍ଥାନୀୟ ପୌଲିଶ୍ (ପୋଲାଣ୍ଡର ଅଧିବାସୀ)ଅହେମଦି ମହିଳା କୁହନ୍ତି; "ତିନି ବର୍ଷ ପୂର୍ବେ ମୁଁ ଏକ ସ୍ୱପ୍ନ ଦେଖିଥିଲି ଯେ, ମୁଁ ଏକ ସାକ୍ଷାତ୍‌କାରରେ ହୁଜୁର ଅନ୍‌ୱର୍‌ଙ୍କୁ କିଛି ପ୍ରଶ୍ନ ପଚାରୁଛି । କିନ୍ତୁ ମୋତେ ପ୍ରଶ୍ନ ପଚାରିବାର ସୁଯୋଗ ମିଳିଲା ନାହିଁ । ଏଥି ପାଇଁ ମୁଁ ଚିନ୍ତିତ ଓ ବିବ୍ରତ ହୋଇ ପଡ଼ିଲି । ମୋ ପ୍ରଶ୍ନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ପ୍ରଶ୍ନ ଥିଲା । କିନ୍ତୁ ଚଳିତ ଥର ମୁଁ ଜଲସା ସାଲାନା ଜର୍ମାନୀରେ ସାମିଲ ହେଲି ଏବଂ ସାକ୍ଷାତ୍ କରିବାକୁ ମୋତେ ସୁଯୋଗ ପ୍ରାପ୍ତ ହେଲା ଏବଂ ମୋତେ ସେହି ପ୍ରଶ୍ନ କରିବାକୁ ସୁଯୋଗ ପ୍ରାପ୍ତ ହେଲା । ତେଣୁ ମୁଁ ଉପସ୍ଥିତ ଖଲିଫାଙ୍କୁ ସେହି ପ୍ରଶ୍ନ ପଚାରିଲି ଏବଂ ମୋତେ ଉପସ୍ଥିତ ଖଲିଫାଙ୍କ ପକ୍ଷରୁ ସାନ୍ତ୍ୱନାମୂଳକ ଉତ୍ତର ମଧ୍ୟ ପ୍ରାପ୍ତ ହେଲା । ଏତଦ୍‌ପରେ ମୋତେ ଏକ ଅଦ୍ଭୁତ ପ୍ରକାରର ଶାନ୍ତି ପ୍ରାପ୍ତ ହେଲା । ମୁଁ ଏଥି ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛି ।"

ଗୁନ୍ତେର ମୋୱା (Gunter Moar) ସାହେବ ନାମକ ଜନୈକ ଜର୍ମାନ ଅତିଥି କୁହନ୍ତି: "ମୁଁ ଇସ୍‌ଲାମ୍ ଧର୍ମକୁ critical (ସମାଲୋଚନାତ୍ମକ) ଦୃଷ୍ଟିରେ ଦେଖିଥାଏ। କିନ୍ତୁ ତଥାପି ମୁଁ ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନକୁ ଧ୍ୟାନପୂର୍ବକ ଶୁଣିଛି । ଏପର୍ଯ୍ୟନ୍ତ କି ଖଲିଫା ଯେଉଁ ପ୍ରାମାଣ୍ୟ ନିଜ ଉଦ୍‌ବୋଧନରେ ବର୍ଣ୍ଣନା କରିଥିଲେ ମୁଁ ସେହି ପ୍ରାମାଣ୍ୟକୁ ଚେକ୍ (ଯାଞ୍ଚ) ମଧ୍ୟ କଲି । (ହୁଜୁର ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ମୋ ଦ୍ୱାରା ଉପସ୍ଥାପିତ ପ୍ରାମାଣ୍ୟକୁ ଏତେ ଗଭୀରତାର ସହିତ ଦେଖନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଆୟତ୍‌ଗୁଡ଼ିକ ମୁଁ ଉଦ୍‌ବୋଧନରେ ଉପସ୍ଥାପିତ ଏବଂ ଉଦ୍ଧୃତ କରିଥିଲି ତାହା ଭୁଲ ନୁହେଁ ତ' ?) କେବଳ ଦେଖାଇବା ନିମନ୍ତେ ଉଦ୍ଦିଷ୍ଟ ତ' ନୁହେଁ । ସୁତରାଂ ଗୁନ୍ତେର ମୋୱା ସାହେବ ଘରକୁ ଯାଇ ପବିତ୍ର କୁରଆନ୍ କରୀମ୍‌ରୁ ଉକ୍ତ ଆୟତ୍ ଚେକ୍ କଲେ । ସେ କୁହନ୍ତି, ମୁଁ ଏକଥା ସ୍ୱୀକାର କରିବାକୁ ବାଧ୍ୟ ଯେ, ଖଲିଫାଙ୍କ ଉଦ୍‌ବୋଧନ ଶୁଣି ମୁଁ ଆଶ୍ଚର୍ଯ୍ୟ ଚକିତ୍ ହେଲି ଏବଂ ଖଲିଫା ମହୋଦୟ ଶାନ୍ତି ଓ ଭ୍ରାତୃତ୍ୱତା ଉପରେ ଏତେ ଗୁରୁତ୍ୱାରୋପ କରିଛନ୍ତି । ନିଃସନ୍ଦେହ ରୂପେ ଉପସ୍ଥିତ ଖଲିଫା ଅତ୍ୟନ୍ତ ଉତ୍ତମ ଉଦ୍‌ବୋଧନ ଦେଇଛନ୍ତି ।"

ସେ କୁହନ୍ତି; "ମୁଁ ବାରମ୍ବାର କହିବାକୁ ବାଧ୍ୟ ଯେ, ମୋ ଆଶ୍ଚର୍ଯ୍ୟର ଆପଣ କଳନା କରିପାରିବେ ନାହିଁ । କାରଣ ଇସ୍‌ଲାମ୍ ଧର୍ମ ଏକ ଶାନ୍ତିପ୍ରିୟ ଧର୍ମର ଯେଉଁ ଅବଧାରଣା ଆପଣ ପ୍ରଦର୍ଶନ କରିଛନ୍ତି ତାହା ଏଠାରେ ପ୍ରାୟତଃ ଦୃଶ୍ୟମାନ ହେଉ ନାହିଁ । ନିଃସନ୍ଦେହ ରୂପେ ଇସ୍‌ଲାମ୍ ଧର୍ମ ସଂପର୍କରେ ମୋର ଦୃଷ୍ଟିକୋଣରେ ଆଜି ପରିବର୍ତ୍ତନ ହୋଇଛି । କାରଣ ଏହା ପୂର୍ବରୁ ମୁଁ ଇସ୍‌ଲାମ୍ ଧର୍ମକୁ ଶାନ୍ତିପୂର୍ଣ୍ଣ ଏବଂ ଶାନ୍ତିପ୍ରିୟ ଧର୍ମର ଧାରଣା ରୂପେ ବିଚାରି କରିପାରୁ ନଥିଲି । ଇସ୍‌ଲାମ୍ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ସହିତ ମୁଁ ଅବଗତ ନଥିଲି ।"

ମୁଁ ଆଜି ସର୍ବପ୍ରଥମେ ଖଲିଫାଙ୍କ ଲଜ୍‌ନା ହଲ୍‌ରୁ ଉଦ୍‌ବୋଧନ ପୁରୁଷ ହଲ୍‌ର ବଡ଼ ପରଦାରେ ଦେଖିଲି । ମୁଁ ଜାଣି ନଥିଲି ଯେ, ଏ ଖଲିଫା ଅଟନ୍ତି । କିନ୍ତୁ ଉକ୍ତ ଉଦ୍‌ବୋଧନକୁ ଶୁଣି ମୁଁ ଗଭୀର ଭାବରେ ପ୍ରଭାବିତ ହେଲି । ଅର୍ଥାତ୍ ମୁଁ ଯେତେବେଳେ ଅତିଥିଙ୍କ ଷ୍ଟେଜ୍ ଉପରକୁ ଆସିଲି ସେତେବେଳେ ମୁଁ ଜାଣିବାକୁ ପାଇଲି ଯେ, ଆପଣ ଖଲିଫା ଅଟନ୍ତି । ତେଣୁ ମୁଁ ସେତେବେଳେ ଅତ୍ୟନ୍ତ ଆନନ୍ଦିତ ହେଲି ଯେ, ମୁଁ ଆପଣଙ୍କୁ ସିଧା ସଳଖ ଶୁଣିବି ।

କେଭିନ୍ (Kevin) ସାହେବ ନାମକ ଜନୈକ ଜର୍ମାନ୍ ଅତିଥି କୁହନ୍ତି; "ମୁଁ ଖଲିଫାଙ୍କ ଉଦ୍‌ବୋଧନକୁ ଶୁଣି ସ୍ତବ୍ଧ ହୋଇଗଲି । ମୋ ପାଖରେ ଶବ୍ଦ ନାହିଁ ଯେ, ମୁଁ କ'ଣ କହିବି ? ମୁ ଜାଣେ ଯେ, ପ୍ରତ୍ୟେକ ବ୍ୟକ୍ତି ଖଲିଫାଙ୍କ ଦ୍ୱାରା ବର୍ଣ୍ଣିତ ଏହିସବୁ କଥା ତଥା ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍ । ଏହି ସବୁ ଦୁର୍ବଳତା ଜର୍ମାନୀ ବ୍ୟକ୍ତିଙ୍କ ମଧ୍ୟରେ ସର୍ବାଧିକ ଭାବରେ ବିଦ୍ୟମାନ ରହିଛି । ଆମମାନଙ୍କୁ

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସର୍ବଦା ସ୍ମିତହାସ୍ୟତା ପ୍ରକାଶ କରିବା ଉଚିତ୍ । ଏହି ଗୁଣ ଆମମାନଙ୍କମ ମଧ୍ୟରେ ନାହିଁ । ଏହା ଲୁପ୍ତ ହୋଇଯାଇଛି । ଆମର ଲୋକମାନେ ପ୍ରଭାବିତ ହୋଇଯାଉଛନ୍ତି। ମହିଳାମାନଙ୍କର ମର୍ଯ୍ୟାଦା ସଂପର୍କରେ ଆପଣଙ୍କର ଉପଦେଶାବଳୀ ସହିତ ମୁଁ ପୂର୍ଣ୍ଣ ରୂପେ ଏକମତ ଅଟେ ଏବଂ ମୁଁ ଏହା ମନେକରୁଛି ଯେ, ଉପସ୍ଥିତ ଖଲିଫା ଯାହାକିଛି ବର୍ଣ୍ଣନା କରିଛନ୍ତି ତାହା ସତ୍ୟ ଅଟେ ।"

ଜର୍ମାନର କ୍ରିଷ୍ଟିଆନ୍ ନାମକ ଜନୈକ କ୍ୟାଥୋଲିକ୍ ଖ୍ରୀଷ୍ଟ ଟି.ଭି ପ୍ରତିନିଧି ଅଟନ୍ତି । ସେ କୁହନ୍ତି: "ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଉଦ୍‌ବୋଧନର ପରିଧି ଶ୍ରୋତାମଣ୍ଡଳୀଙ୍କ ବ୍ୟାପକତା ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା । ମୁଁ ଭାବୁଛି ଯେ, ଯେଭଳି ଭାବରେ ଖଲିଫାଙ୍କ ମୌଳୀକ ନୀତି ବର୍ଣ୍ଣନା କରିବା ସଙ୍ଗସଙ୍ଗେ ଏହା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ, ଏହି ମୌଳିକ ନୀତିଗୁଡ଼ିକ ମଧ୍ୟ ଅଲ୍ଲାଃତାଲା ଶିଖାଇଛନ୍ତି । ଏହି ମୋଳିକ ନିତୀଗୁଡ଼ିକ ୟୁନାଇଟେଡ୍ ନେଶନ୍ କିମ୍ବା ଅନ୍ୟାନ୍ୟ କୌଣସି ସଂସ୍ଥା ଦ୍ୱାରା ସ୍ଥାପନ କରାଯାଇଛି । ଏହି ଶୈଳୀରେ ଅନ୍ୟ ଧାର୍ମିକ ମାର୍ଗଦର୍ଶକଙ୍କୁ ମଧ୍ୟ ଏହାର ବ୍ୟାଖ୍ୟା ପ୍ରଦାନ କରିବା ସହିତ ନିଜର ଉଦ୍‌ବୋଧନ ପ୍ରଦାନ କରିବା ଉଚିତ୍ । ଖଲିଫାଙ୍କର ଉଦ୍‌ବୋଧନ ଏପରି ଥିଲା ଯେ, ଏହା ଶୁଣିନେଲେ କାମ ଚଳିବ ନାହିଁ ବରଂ ଏହା ଉପେରେ ବିଚାର ବିମର୍ଷ କରିବା ମଧ୍ୟ ଉଚିତ୍ । କାରଣ ଆପଣଙ୍କ ଦ୍ୱାରା ବର୍ଣ୍ଣିତ କଥାରୁ କ'ଣ ଯଥାର୍ଥ ଅଟେ ? ମୁଁ ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ସଂପର୍କରେ ବହୁତ ଗବେଷଣା କରିଛି ଏବଂ ଇସ୍‌ଲାମ୍ ଧର୍ମ ସଂପର୍କରେ ମୋର ଧାରଣା ଖୁବ୍ ଭଲ ଥିଲା । ଉପସ୍ଥିତ ଖଲିଫା ଇସ୍‌ଲାମ୍ ଧର୍ମରେ ମହିଳାମାନଙ୍କ ସଂପର୍କରେ ଯେଉଁ ଶିକ୍ଷା ବର୍ଣ୍ଣନା କରିଛନ୍ତି ତାହା ଅତ୍ୟନ୍ତ ମନମୁଗ୍ଧକର ଅଟେ । କିନ୍ତୁ ମୋର ଏହି ଅଭିଳାଷା ରହିଛି ଯେ, ଲୋକମାନେ ଏହାକୁ ସ୍ମରଣ ରଖନ୍ତୁ । କାରଣ ଏହି ଅଧିକାର ଏବଂ ମର୍ଯ୍ୟାଦା କୌଣସି ଏନ.ଜି.ଓ କିମ୍ବା ସଦନ ସ୍ଥାପନ କରି ନାହିଁ । ବରଂ ଅଲ୍ଲାଃତାଲା ହିଁ ଧର୍ମ ମାଧ୍ୟମରେ ଏହାକୁ ସ୍ଥାପନ କରିଛନ୍ତି ।"

ଜୁଲିୟାନ୍ (Julian) ନାମକ ଜଣେ ଜର୍ମାନ୍ ଅତିଥି କୁହନ୍ତି : "ଖଲିଫା ମହୋଦୟ ମୁକ୍ତ ହୃଦୟର ବ୍ୟକ୍ତି ଥିଲେ ଏବଂ ତାଙ୍କ ସଭାରେ ମୁଁ ତାଙ୍କୁ ଜଣେ ସହାନୁଭୂତିକ ବ୍ୟକ୍ତି ରୂପେ ଅନୁଭବ କଲି । ଆପଣ ଯେଉଁ କଥା ଏବଂ ଯେଉଁ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି ତାହା ଅଭିଜ୍ଞତା ଅନୁଯାୟୀ ଅତ୍ୟନ୍ତ ଗଭୀରପୂର୍ଣ୍ଣ କଥା ଥିଲା । ଅର୍ଥାତ୍ ମନୁଷ୍ୟମାନେ ଯେଉଁ ଦେଶରେ ରୁହନ୍ତୁ ପଛେ ସେମାନେ ସେହି ଦେଶର ଦେଶ ସେବା କରନ୍ତୁ । ପଡ଼ୋଶୀମାନଙ୍କର ପ୍ରଶଂସା କରିବା ସହିତ 40ଟି ଘର ପର୍ଯ୍ୟନ୍ତ ବ୍ୟାପକତା ପ୍ରଦାନ କରିବା ଏହା ମୋ ପାଇଁ ସବୁଠୁ ବଡ଼ କଥା ଥିଲା । କାରଣ ଏହିପରି ପ୍ରକୃତ ରୂପେ ପ୍ରତ୍ୟେକ ବ୍ୟକ୍ତିର ଦେଖାଶୁଣା କରିବା ଉଚିତ୍ ଓ ଯତ୍ନ ନେବା ଉଚିତ୍ । ଖ୍ରୀଷ୍ଟ ଧର୍ମ ମଧ୍ୟ ପଡ଼ୋଶୀମାନଙ୍କର ଅଧିକାର ସଂପର୍କରେ ଶିକ୍ଷା ପ୍ରଦାନ କରିଛି । କିନ୍ତୁ ଏହା ଦର୍ଶାଇ ନାହିଁ ଯେ, ପଡ଼ୋଶୀମାନଙ୍କ ମଧ୍ୟରେ କିଏ କିଏ ଅନ୍ତର୍ଭୁକ୍ତ ଅଟନ୍ତି । ସେହି କାରଣରୁ କେବଳ ପାଖରେ ରହୁଥିବା ପଡ଼ୋଶୀମାନେ ହିଁ ଗଣ୍ୟ ଅଟନ୍ତି । କିନ୍ତୁ ଇସ୍‌ଲାମ୍ ଧର୍ମ ଏହାଠୁ ଅଧିକ ଉତ୍ତମ ଶିକ୍ଷା ପ୍ରଦାନ କିରଛି ।"

ଜଣେ ଜର୍ଜୀୟ ମହିଳା ଅତିଥି କୁହନ୍ତି: "ଆଜି ମୁଁ ଖଲିଫାଙ୍କର ଉଭୟ ଉଦ୍‌ବୋଧନକୁ ଶୁଣିଲି ଏବଂ ବହୁତ ପ୍ରଭାବିତ ହେଲି । ସେହି ଉଦ୍‌ବୋଧନ ଆଜି ଏକଥା ମୋତେ ବୁଝାଇ ଦେଇଛି ଯେ, ପ୍ରକୃତ (integration) ଏକତା ତଥା ଜାତୀୟତାର ଅର୍ଥ ଏହିକି ଯେ, ମନୁଷ୍ୟ ନିଜ ଧର୍ମ ତଥା ନିଜ ଜାତି ଓ ମାନବତାର ସେବା କରୁ । ଜଲ୍‌ସା ସାଲାନା ପରିବେଶେ ମୋତେ ବହୁତ ଭଲ ଲାଗିଲା । କାରଣ ଏଠାରେ ପ୍ରତ୍ୟେକ ପ୍ରକାରର ଜାତି, ଧର୍ମ, ବର୍ଣ୍ଣର ଲୋକମାନେ ଅତ୍ୟନ୍ତ ପରିଶ୍ରମର ସହିତ ଓ ସହମତି କ୍ରମେ ତଥା ଶାନ୍ତିପୂର୍ଣ୍ଣ ଢଙ୍ଗରେ ଏକତ୍ରିତ ହୋଇଥିଲେ । ଏପରି ଦୃଶ୍ୟ ଅନ୍ୟ କେଉଁଠାରେ ପରିଲକ୍ଷିତ ଓ ଦୃଶ୍ୟମାନ ହେଉ ନାହିଁ । ଲଜ୍‌ନାର ଯେଉଁ ଉଦ୍‌ବୋଧନ ରହିଥିଲା ତହିଁରୁ ମୁଁ ଏହା ଜାଣିବାକୁ ପାଇଲି ଯେ, ଇସ୍‌ଲାମ୍ ଧର୍ମରେ ମହିଳାମାନଙ୍କର କ'ଣ ମର୍ଯ୍ୟାଦା ରହିଛି ? ଏପରି ମୁସଲମାନ ମହିଳାମାନେ ମଧ୍ୟ ଅତିକ୍ରାନ୍ତ ହୋଇଛନ୍ତି ଯେଉଁମାନେ ଯୁଦ୍ଧରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ଏହା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଥିଲା ।"

ଅଲୀ ବକର ସାହେବ ନାମକ ଗ୍ରୀନ ମୁସଲିମ୍ ପାର୍ଟିର ପ୍ରବକ୍ତା କୁହନ୍ତି: "ଖଲିଫାଙ୍କର ଉଦ୍‌ବୋଧନ ଅତ୍ୟନ୍ତ ମନମୁଗ୍ଧକର ଓ ପ୍ରଭାବଶାଳୀ ଥିଲା । ଆପଣ ଯେଉଁ କଥା ବର୍ଣ୍ଣାନ କରିଛନ୍ତି ତାହା କେବଳ ମୁସଲମାନମାନଙ୍କ ନିମନ୍ତେ ନୁହେଁ ବରଂ ସମାଜର ପ୍ରତ୍ୟେକ ବର୍ଗଙ୍କ ନିମନ୍ତେ ପ୍ରଯୁଜ୍ୟ ଓ ଆବଶ୍ୟକ ଅଟେ । ଶାନ୍ତି କେବଳ ମୁସଲମାନ ରାଷ୍ଟ୍ରରେ ନୁହେଁ ବରଂ ସମଗ୍ର ସଂସାରରେ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଏହା ମୋ ପାଇଁ ଅତ୍ୟନ୍ତ ମନୋରଞ୍ଜକପୂର୍ଣ୍ଣ ଜଲସା ଥିଲା।"

ଜର୍ମାନ୍‌ର ମାରି (Marie) ନାମକ ଜନୈକା ମହିଳା କୁହନ୍ତି: "ମହୋଦାୟା ମୁସଲମାନ ନଥିଲେ । ଏହା ସତ୍ତ୍ୱେ ମହୋଦୟା ସମ୍ମାନ ନିମନ୍ତେ ଓଢଣା ମୁଣ୍ଡରେ ପକାଇ ବସିଥିଲେ । ସେ କୁହନ୍ତି; ମୁଁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟେ ଏବଂ ଖଲିଫାଙ୍କ ଉଦ୍‌ବୋଧନ ସମୟରେ ମୋତେ ଏହା ପ୍ରତିତ ହେଲା ଯେ, ଆମ ଧର୍ମର ଓ ଆପଣଙ୍କ ଧର୍ମ ମଧ୍ୟରେ ପାର୍ଥକ୍ୟ ଅତି ସାମାନ୍ୟ ଅଟେ । ଆମେମାନେ ଶାନ୍ତିପୂର୍ଣ୍ଣ ଢଙ୍ଗରେ ମିଳିମିଶି ରହିପାରିବା ଏବଂ ମୁଁ ଆପଣଙ୍କ ଦ୍ୱାରା ବହୁତ ପ୍ରଭାବିତ ଅଟେ। ଉଦ୍‌ବୋଧନ ସମୟରେ ମୋ ମନ ଉପେର ଏତେ ପ୍ରଭାବ ପଡ଼ିଲା ଯେ, ମୋ ଚକ୍ଷୁ ଲୋତକାପ୍ଲୁତ ହୋଇଗଲା । ଆପଣ (ହୁଜୁର) ମହିଳାମାନଙ୍କ ସଂପର୍କରେ ଯେଉଁ ଶିକ୍ଷା ଉପସ୍ଥାପିତ କଲେ ତହିଁରୁ ଏହା ପ୍ରତିତ ହୁଏ ଯେ, ଇସ୍‌ଲାମ୍ ଧର୍ମ ମହିଳାମାନଙ୍କୁ ଯେଉଁ ସ୍ୱାଧୀନତା ଦେଇଛି ସେହି ଶିକ୍ଷାଗୁଡ଼ିକ ଖଲିଫାଙ୍କ ଭାଷଣରେ ବର୍ଣ୍ଣିତ ହୋଇଛି ଏବଂ ଯାହାକୁ ଅନ୍ୟ ସମୁଦାୟମାନେ ବର୍ଣ୍ଣନା କରିଥାଆନ୍ତି । ମୁଁ ସ୍ୱୟଂ ଜଲ୍‌ସା ସାଲାନାରେ ଅବଲୋକନ କରିଛି ଯେ, ଉକ୍ତ ଶିକ୍ଷା ଉପରେ ମଧ୍ୟ କାର୍ଯ୍ୟାନୁସରଣ କରାଯାଇଥାଏ । କେବଳ ସେତିକି ନୁହେଁ ଖଲିଫାଙ୍କର କଥା ସିଧା ସଳଖ ହୃଦୟକୁ ସ୍ପର୍ଶ କରିଥାଏ ଏବଂ ମୁଁ ଏଠାରେ ଲୋକମାନଙ୍କୁ ଖଲିଫାଙ୍କ କଥା ଶୁଣି କାନ୍ଦୁଥିବାର ଅବଲୋକନ କରିଛି ।" ଜଲ୍‌ସାରେ 7ଟି ଦେଶର 39 ଜଣ ବ୍ୟକ୍ତିଙ୍କୁ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଛି । ଅର୍ଥାତ୍ ଜଲ୍‌ସା ଦିନମାନଙ୍କରେ ଏମାନେ ପ୍ରଭାବିତ ହୋଇଥିଲେ ।

ସର୍ବିୟାରୁ ଆଗତ ଆଉ ଜଣେ ଅତିଥି ଯାହାଙ୍କ ନାମ ହେଲା ଉରୋଶ୍ (Uros) ସାହେବ । ସେ କୁହନ୍ତି: "ଜଲ୍‌ସା ସାଲାନା ପୃଥିବୀ ବ୍ୟାପୀ ଅହେମଦିୟା ଜମାଅତ୍‌ର ସଦସ୍ୟଙ୍କୁ ଏକତ୍ରିତ କରିବାର ଆନ୍ତର୍ଜାତିକ ପର୍ବ ଅଟେ । ସବୁଠୁ ବେଶୀ ମୋ ଉପରେ ଯେଉଁ ପ୍ରଭାବ ପଡ଼ିଥିଲା ତାହା ହେଉଛି ଆଲମୀ ବୈଅତ୍‌ର ଆଧାତ୍ମିକ ଏବଂ ଭାବ ବିହ୍ୱଳ ଉତ୍ସବ । ପ୍ରାରମ୍ଭିକ ମୁହୂର୍ତ୍ତରୁ ଆମେମାନେ ସମସ୍ତେ ପରସ୍ପର କାନ୍ଧ ଉପରେ ହସ୍ତ ରଖିଦେଲୁ । ମୁଁ ଗୋଟିଏ ଶବ୍ଦ ବି ବୁଝିପାରୁ ନଥିଲି । କିନ୍ତୁ ଯାହା କିଛି କୁହାଗଲା ତାହା କିପରି ମୋର ଶରୀର ଏବଂ ମସ୍ତିଷ୍କ ଦେଇ ଅତିକ୍ରମ କରି ଶରୀରରେ ଶିହରଣ ସୃଷ୍ଟି କରିଦେଇଥିଲା । ଏହି ଅବସ୍ଥା ମୋ ଉପରେ ଆଧାତ୍ମିକ ରୂପେ ଅଲ୍ଲାଃତାଲାଙ୍କ ସମୀପବର୍ତ୍ତୀ କରାଇଛି । ବୈଅତ୍ ଯୋଗୁଁ ମୋ ଚକ୍ଷୁ ଲୋତକାପ୍ଲୁତ ହୋଇଯାଇଥିଲା।"

ତୁର୍କୀର ଜାନ୍ ମର୍ତ୍ତ (Jan Mert) ସାହେବ ନାମକ ଜଣେ ଯୁବକ ହ୍ୟାମ୍ବର୍ଗ୍‌ରେ ରୁହନ୍ତି । ସେ କୁହନ୍ତି; "ଉକ୍ତ ଜଲ୍‌ସାରେ ସାମିଲ୍ ହୋଇ ମୁଁ ଏହା ଅବଲୋକନ କଲି ଯେ, ହ. ମସିହ୍ ମଉଦ୍ ଅ.ସ (ପ୍ରତିଶ୍ରୁତ ମସିହ୍) ଅହେମଦିମାନଙ୍କ ହୃଦୟ ଇସ୍‌ଲାମ୍ ଧର୍ମର ଜୟ ନିମନ୍ତେ ଅପ୍ରଶମିତ ଅଗ୍ନି ପ୍ରଜ୍ୱଳିତ କରିଦେଇଛନ୍ତି । ଜାନ୍ ମର୍ତ୍ତ ସାହେବ ଜଲ୍‌ସାର ଶେଷ ଦିନ ଲିଖିତ ବୈଅତ୍ କରିବା ପରେ ମୋ (ହୁଜୁର ଅ.ବ) ହସ୍ତରେ ବୈଅତ୍ କରିଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ସେହି ଲୋକମାନଙ୍କର ଅବସ୍ଥା ଯାହାକୁ ମୁଁ ଉପରୋକ୍ତରେ ବର୍ଣ୍ଣନା କରିଛି । ଜଲ୍‌ସା ସାଲାନା ଜର୍ମାନୀରେ ଗଣମାଧ୍ୟମ କଭରେଜ ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଖୁବ୍ ଭଲ ହୋଇଛି । 4ଟି ଟି.ଭି ଚ୍ୟାନେଲ୍‌ରେ ଏ.ଆର୍.ଡ଼ି (ARD), ଆର୍.ଟି.ଏଲ୍, Regio ଟି.ଭି, ଏସ୍.ଡବ୍ଲୁ. ଆର୍ ଇତ୍ୟାଦି ଟି.ଭି ଚ୍ୟାନେଲ୍ ମାଧ୍ୟମରେ 41 ମିଲିୟନ୍ ଲୋକମାନଙ୍କ ପର୍ଯ୍ୟନ୍ତ ଜମାଅତ୍‌ର ଜଲ୍‌ସା ସଂପର୍କିତ ଖବର ପହଞ୍ଚିଲା ।

ଜର୍ମାନୀର 11ଟି ସମ୍ବାଦପତ୍ର ବିଭିନ୍ନ ଖବର ଓ ଆର୍ଟିକିଲ୍ ପ୍ରକାଶିତ କେଲେ । ଏହା ମାଧ୍ୟମରେ ମଧ୍ୟ 50 ମଲିୟନ୍‌ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପର୍ଯ୍ୟନ୍ତ ଜମାଅତ୍‌ର ବାର୍ତ୍ତା ପହଞ୍ଚିଲା ଏବଂ ଜଲ୍‌ସାର ଖବର ପହଞ୍ଚିଲା ।

ସେହିପରି ରେଡ଼ିଓ ଷ୍ଟେସନ୍‌ର ରହିଛି । 5ଟି ରେଡ଼ିଓ ଷ୍ଟେସନ ଖବର ପ୍ରସାରଣ କରିଥିଲା ଏବଂ ଏହି ରେଡ଼ିଓ ମାଧ୍ୟମରେ 14 ମଲିୟନ୍ ଲୋକଙ୍କ ପର୍ଯ୍ୟନ୍ତ ବାର୍ତ୍ତା ପହଞ୍ଚିଥିଲା ।

ଅନ୍ ଲାଇନ୍ ମିଡ଼ିଆ କଭରେଜ ମାଧ୍ୟମରେ ଲୋକମାନଙ୍କ ପର୍ଯ୍ୟନ୍ତ ଜମାଅତ୍‌ର ବାର୍ତ୍ତା ପହଞ୍ଚିଲା । ସର୍ବମୋଟ୍ ସଂଖ୍ୟା ହେଉଛି 108 ମଲିୟନ୍‌ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ପର୍ଯ୍ୟନ୍ତ ଜଲ୍‌ସାର କଭରେଜ ପହଞ୍ଚିଥିଲା । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 13 JUNE 2024 Issue No.-24

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଭବିଷ୍ୟରେ ଏହାର ଉତ୍ତମ ପରିଣାମ ସୃଷ୍ଟି କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ଏହା କେତେକ ଲୋକମାନଙ୍କର ସଂକ୍ଷିପ୍ତ ମନ୍ତବ୍ୟ । ଅନେକ ମନ୍ତବ୍ୟ ରହିଥିଲା ତନ୍ମଧ୍ୟରୁ ମୁଁ କେତେକ ମନ୍ତବ୍ୟ ଏଠାରେ ପାଠୋଦ୍ଧାର କରିଥିଲି ।

ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ, ଧନ୍ୟବାଦ ଏବଂ କୃତଜ୍ଞତା କି ସେ ଆମମାନଙ୍କର ଦୋଷ ଦୁର୍ବଳତାକୁ ଲୁଚାଇ ଥାଆନ୍ତି । ସେହିପରି ବିଭିନ୍ନ ମସ୍‌ଜିଦ୍‌ର ଉଦ୍‌ଘାଟନ ହୋଇଛି । ସେହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ପର୍ବରେ ମଧ୍ୟ କେତେକ ଲୋକମାନେ ସକାରାତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି । କେତେକ ବ୍ୟକ୍ତିମାନେ ଏହି ମତ ପ୍ରକାଶ କରିଛନ୍ତି ଯେ, ଆମକୁ ଜଣା ନଥିଲା ଯେ, ଅହେମଦିୟତ୍ କ'ଣ, ଇସଲାମ୍ ଧର୍ମ କ'ଣ, ଇସଲାମ୍ ଧର୍ମ କିପରି ଭକ୍ତମାନଙ୍କର ଅଧିକାର ତଥା ସେମାନଙ୍କର କର୍ତ୍ତବ୍ୟ ଓ ଅଲ୍ଲାଃତାଲାଙ୍କର ଅଧିକାର ତଥା କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥାଏ ? ବିଭିନ୍ନ ଫଙ୍କସନ୍ (ଉତ୍ସବ)ମାନଙ୍କରେ ଲୋକମାନେ ନିଜର ଭାବାବେଗର ପରିପ୍ରକାଶ କିରଛନ୍ତି । ଏହି ସମସ୍ତ କଥା ଶୁଣି ଆଜି ଆମମାନଙ୍କୁ ଇସ୍‌ଲାମ୍ ଧର୍ମର ଶିକ୍ଷା ସଂକ୍ରାନ୍ତରେ ଜ୍ଞାତ ହୋଇଛି ଏବଂ ଆମମାନଙ୍କର ମତାମତ ଓ ଚିନ୍ତାଧାରା ସଂପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଯାଇଛି ।

ଲୋକମାନେ ଅଭିଯୋଗ ମଧ୍ୟ କରିଛନ୍ତି ଯେ, ଆମମାନଙ୍କର ଚିହ୍ନା ଓ ପରିଚିତ ଅହେମଦିମାନେ ମଧ୍ୟ କେବେ ଆମମାନଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସହିତ ଅବଗତ କରାଇ ନାହାନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ତତ୍‌ସଂକ୍ରାନ୍ତରେ ମଧ୍ୟ ତବ୍‌ଲିଗ୍‌ର ପ୍ରଭାବଶାଳୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ପ୍ରତ୍ୟକ ଅହେମଦିକୁ ବିନା କୌଣସି ହୀନ ମନା ହୋଇ ଇସଲାମ୍ ଧର୍ମର ପରିଚୟ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ପରିଚୟ ପ୍ରଦାନ କରିବା ଉଚିତ୍ । ଉଦାହରଣ ସ୍ୱରୂପ ଜଲସା ଅବସରରେ ଜଣେ ଇରାନୀ ଯୁବକ ଆସିଥିଲା । ଆମର ଜଣେ ଅହେମଦି ଭାଇଙ୍କ ସହିତ ଉକ୍ତ ଯୁବକ କଥାବାର୍ତ୍ତା କଲା । ସଂପୃକ୍ତ ଯୁବକକୁ ଜଣେ ଅହେମଦି ବନ୍ଧୁ ଜଲସାକୁ ଆଣିଥିଲେ । ସେହି ଯୁବକ ଜଣ କହିବାକୁ ଲାଗିଲା ଯେ, ମୁଁ ଏଠାକୁ ଆସି ଅତ୍ୟନ୍ତ ହତୋତ୍ସାହିତ ହୋଇଯାଇଛି । ଅହେମଦି ବନ୍ଧୁ ଜଣକ ଉକ୍ତ ଯୁବକକୁ ପଚାରିଲେ, ତୁମେ କ'ଣ ପାଇଁ ହତୋତ୍ସାହିତ ହୋଇଯାଇଛ ? ସେହି ଯୁବକ ଜଣକ କହିଲା ତୁମେମାନେ ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ଅ.ସଙ୍କୁ ନବୀ (ଅବତାର) ବୋଲି ସ୍ୱୀକାର କରୁଛ । ସେ ଯାହା ହେଉ ଉକ୍ତ ଯୁବକକୁ ଯେତେବେଳେ ବିସ୍ତୃତ ଭାବରେ ବୁଝାଇ ଦିଆଗଲା କି ଆମେ ଆପଣ ଅ.ସଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) କେଉଁ ପ୍ରକାରର ଅବତାର ବୋଲି ସ୍ୱୀକାର କୁରଛେ ? ଆମେ ଆପଣ ଅ.ସଙ୍କୁ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆସିଥିବା ଅବତାର ରୂପେ ସ୍ୱୀକାର କରୁଛୁ । ଆଁହଜରତ ସ.ଅଙ୍କ ଧର୍ମକୁ ପ୍ରସାରିତକାରୀ ଓ ଆପଣ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଅବତାର ରୂପେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅବତାର ବୋଲି ଗ୍ରହଣ କରୁଛେ । ଆପଣ ଅ.ସ ହେଉଛନ୍ତି ସେହି ଇସା ଯିଏ ସାଂପ୍ରତିକ ଯୁଗରେ ଆସି ଥାଆନ୍ତେ । ସେହି ଯୁବକ ଜଣକ କହିଲା ଏସବୁ କଥା ଠିକ୍ ଯେ,। ମୁଁ ଏକଥା ସ୍ୱୀକାର କରୁଛି ଯେ, ମେହ୍‌ଦୀ ଓ ଇସାଙ୍କ ଯେଉଁ ଦୃଷ୍ଟିକୋଣ ରହିଛି ତୁମମାନଙ୍କର ତାହା ଠିକ୍ ଅଟେ । ବୁଦ୍ଧି ଏହାକୁ ଗ୍ରହଣ କରିଥାଏ । କିନ୍ତୁ ମୋର ବନ୍ଧୁ ଜଣକ ମୋତେ ତତ୍‌ସଂପର୍କରେ କାହିଁକି କହିଲେ ନାହିଁ ? ଅନେକ ବର୍ଷ ଧରି ମୋର ବନ୍ଧୁ ଜଣକ ମୋ ସହିତ ମିତ୍ରତା ସଂପର୍କ ରଖିଥିଲେ । କିନ୍ତୁ ଏ ସଂପର୍କରେ ସେ ମୋତେ କେବେ ବି କିଛି କହି ନଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ପଛେ ବିନା କୌଣସି ହୀନ ମନା ହୋଇ ଆମମାନଙ୍କୁ ନିଜର ବନ୍ଧୁମାନଙ୍କୁ, ଚିହ୍ନା ପରିଚୟ ଲୋକମାନଙ୍କୁ ତବ୍‌ଲିଗ୍ କରିବା ଉଚିତ୍ । ଏ ସଂକ୍ରାନ୍ତରେ ପ୍ରଭାବଶାଳୀ ତବ୍‌ଲିଗ୍ କରିବାର ଆବଶ୍ୟକତା ରହିଛି । ତବ୍‌ଲିଗ୍ ବିଭାଗର କେବଳ ଏହି କାର୍ଯ୍ୟ ନୁହେଁ ଯେ, ପମ୍ଫ୍ଲେଟ୍ ବାଣ୍ଟିଦେବା, ଲିଫ୍ ଲେଟ୍‌ସ୍ ବାଣ୍ଟିଦେବା କିମ୍ବା ଲେଟର ବକ୍ସରେ ଲିଫ୍ ଲେଟ୍‌ସ୍ ପକାଇ ଦେଲେ ବାସ୍ କାମ ସରିଗଲା । ନା ତାହା ନୁହେଁ । ଏପରି କରିବା ଦ୍ୱାରା ଆମମାନଙ୍କର ଅଭିପ୍ରାୟ ପୂର୍ଣ୍ଣ ହୋଇ ନଥାଏ ।

ଶାନ୍ତିର କଥା ତ' ଆମେମାନେ କରିନେଲୁ । ବର୍ତ୍ତମାନ ପରବର୍ତ୍ତୀ କଥାର ଆବଶ୍ୟକତା ରହିଛି ଯେ, ଶାନ୍ତି କିପରି ସ୍ଥାପିତ ହେବ ? ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀଙ୍କୁ ସ୍ୱୀକାର କରିବା ଦ୍ୱାରା ହିଁ ଶାନ୍ତି ସ୍ଥାପିତ ହୋଇପାରିବ । ତେଣୁ ଏହାକୁ ସ୍ୱୀକାର କର । ତବ୍‌ଲିଗ ନିମନ୍ତେ ପ୍ରତ୍ୟେକ ଅବସରକୁ ଆମମାନଙ୍କୁ ଲାଭାନ୍ୱିତ ଓ ଉପକୃତ ହେବା ଉଚିତ୍ ।

ଏଠାରେ ମୁଁ ଅବଲୋକନ କିରଛି ଯେ, ଲୋକମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ଏପରି ମଧ୍ୟ ରହିଛି ଯେ, ସେମାନେ ବର୍ତ୍ତମାନ ମଧ୍ୟ ଧର୍ମ ସଂକ୍ରାନ୍ତୀୟ କଥା ଶୁଣିବାକୁ ଆଗ୍ରହ ପ୍ରକାଶ କରିଥାଆନ୍ତି ଏବଂ ଧର୍ମ ସଂକ୍ରାନ୍ତୀୟ କଥା ଶୁଣିବାକୁ ରୁଚି ରଖନ୍ତି। ସୁତରାଂ ଆମମାନଙ୍କୁ ଏପରି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉ୍‌ଚିତ୍ ଯେ, ଯେଉଁଠି ଏପରି ଲୋକମାନଙ୍କୁ ଡକାଯାଇଥାଏ ସେଠାରେ ସେମାନଙ୍କ ସହିତ ଧର୍ମ ଏବଂ ଜମାଅତ୍ ସଂକ୍ରାନ୍ତୀୟ କଥାବାର୍ତ୍ତା ମଧ୍ୟ କରିବା ଉଚିତ୍ ।

ହୁଜୁର ଅନ୍‌ୱର ଅ.ବ କହିଲେ, ସେ ଯାହା ହେଉ ଆମମାନଙ୍କୁ ପ୍ରତ୍ୟେକ ସ୍ଥାନରେ ନିଜ ନିଜର ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି । ଯେଉଁ ଯେଉଁଠି ଜଲ୍‌ସାର ସ୍ଥାୟୀ ବିଭାଗରେ ବ୍ୟବସ୍ଥା ଜନିତ ତ୍ରୁଟି ଏବଂ ଦୁର୍ବଳତା ରହିଛି ସେଠାରେ ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । କେବଳ ଜଲ୍‌ସାର ବ୍ୟବସ୍ଥା ନୁହେଁ ବରଂ ପ୍ରତ୍ୟେକ ବିଭାଗକୁ ଦେଖିବା ଉଚିତ୍ । ତବ୍‌ଲିଗର ବିଭାଗ ଅଲ୍ଲାଃତାଲାଙ୍କ କୃପାରୁ ବହୁତ ଭଲ କାମ କରୁଛି । କିନ୍ତୁ ଏଥିରେ ମଧ୍ୟ ଶଂସୋଧନ କରିବାର ଆବଶ୍ୟକତା ରହିଛି । ଉତ୍ତମରୁ ଉତ୍ତମ ଖୋଜୁଥିବା ଉଚିତ୍ । ଉତ୍ତମ ଯୋଜନା କରି ଓ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ିବା ସଙ୍ଗେସଙ୍ଗେ ଦୁଆ କରି ନିଜର କାର୍ଯ୍ୟ କରନ୍ତୁ । କେତେକ ଲୋକମାନେ କିଛି ଅଭିଯୋଗ ମଧ୍ୟ କରିଛନ୍ତି । ସେହି ଅଭିଯୋଗ ଗୁଡ଼ିକୁ ମଧ୍ୟ ଦୂର କରିବା ଉଚିତ୍ । ଯେପରିକି ମୁଁ ଚର୍ଚ୍ଚା କରିଛି । **ଇନ୍‌ଶାଅଲ୍ଲାଃ** ଆପଣମାନେ ସର୍ବଦା ଏହି ପ୍ରୟାସ କରନ୍ତୁ କି ଆପଣମାନେ, ଆୟୋଜକମାନେ ଏବଂ ଅଂଶଗ୍ରହଣକାରୀମାନେ ଜଲସାର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା ନିମନ୍ତେ ଭରପୁର ଉଦ୍ୟମ କରିବା ଉଚିତ୍ ।

ଯେପରିକି ମୁଁ ଚର୍ଚ୍ଚା କଲି ଯେ, ଜଣେ ଅତିଥି କହିଲେ, ଅଂଶଗ୍ରହଣକାରୀମାନେ ଜଲ୍‌ସାର କାର୍ଯ୍ୟକ୍ରମ ସମୟରେ ଉଠି ଚାଲି ଯାଉଥିଲେ । ଏହା ଅତିଥିଙ୍କୁ ଆଦୌ ଭଲ ଲାଗୁ ନଥିଲା । ହୁଜୁର ଅନ୍‌ୱର ଅ.ବ କହିଲେ, ସୁତରାଂ ତର୍ବୟିତ୍ ବିଭାଗକୁ ଉକ୍ତ କଥାକୁ ବିଶେଷ ରୂପେ ଅନୁଧ୍ୟାନ କରିବା ଉଚିତ୍ । ଆହୁରି ଉତ୍ତମ ଢଙ୍ଗରେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ଆସନ୍ତା ପାଇଁ ସମସ୍ତଙ୍କୁ ଉତ୍ତମ ଢଙ୍ଗରେ ଜଲ୍‌ସାର ଅଭିପ୍ରାୟକୁ ଚରିତାର୍ଥ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆--☆--☆

## ପୃ-2ର ଅବଶିଷ୍ଟାଂଶ........

ଧର୍ମର ବିଶେଷତା ଏବଂ ସୌନ୍ଦର୍ଯ୍ୟ ମଧ୍ୟ ସଂସାର ସମ୍ମୁଖରେ ପ୍ରକାଶିତ କରିଦେଉ। ସୁତରାଂ ଏପରି ବ୍ୟକ୍ତି ଅତ୍ୟନ୍ତ ସମ୍ମାନାସ୍ପଦ ଏବଂ ଦୁର୍ଲଭ୍ୟ ବସ୍ତୁର ଆଦେଶର ଅଧିକାରୀ ଅଟେ । କାରଣ ତା'ର ଅସ୍ତିତ୍ୱରୁ ଇସ୍‌ଲାମ୍ ଧର୍ମର ଜୀବନ ପ୍ରକାଶିତ ହୋଇଥାଏ ଏବଂ ସେ ଇସ୍‌ଲାମ୍ ଧର୍ମର ଗୌରବ ଏବଂ ସମସ୍ତ ଭକ୍ତମାନଙ୍କ ଉପେରେ ଈଶ୍ୱରଙ୍କ ପ୍ରମାଣ ସିଦ୍ଧ ହୋଇଥାଏ । କୌଣସି ବ୍ୟକ୍ତି ନିମନ୍ତେ ଏହା ବୈଧ ତଥା ଉଚିତ୍ ହୋଇ ନଥାଏ ଯେ, ସେ ସେହି ବ୍ୟକ୍ତି ଠାରୁ ପୃଥକତା ଅବଲମ୍ବନ କରୁ। କାରଣ ସେ ଈଶ୍ୱରଙ୍କ ଇଚ୍ଛା ଏବଂ ତାଙ୍କ ଆଦେଶରୁ ଇସ୍‌ଲାମ୍ ଧର୍ମର ସମ୍ମାନ ଏବଂ ସଫଳତା ଓ ସମସ୍ତ ମୁସଲମାନମାନଙ୍କର ସହାନୁଭୂତି ଏବଂ ଧାର୍ମିକ ପୂର୍ଣ୍ଣତ୍ୱ ଉପରେ ପରିବ୍ୟାପ୍ତ ହୋଇଥାଏ । ପ୍ରତ୍ୟେକଟି ଇସ୍‌ଲାମ୍ ଏବଂ ଅବଜ୍ଞାର ଭେଳାର (ଡଙ୍ଗା) ଯଥା ସ୍ଥାନରେ କାମ ଦେଇଥାଏ ଏବଂ ତା'ରି ପବିତ୍ରାତ୍ମାର ଅବଜ୍ଞାକାରୀ ମାନେ ଓ କୃତଘ୍ନ ହୋଇଥାଆନ୍ତି । ସେମାନେ ସାମଗ୍ରିକ ହୋଇଥାଆନ୍ତି ଏବଂ ଅନ୍ୟମାନେ ସମସ୍ତେ ଏହାର ଅଂଶ ବିଶେଷ ହୋଇଥାଆନ୍ତି ।" (ରୁହାନୀ ଖଜାଏନ୍, ଭାଗ-13, ଜରୁରତୁଲ୍ ଇମାମ୍, ପୃ-479-481)

ଉପରୋକ୍ତ ଉଦାହରଣରୁ ଆମେମାନେ ବୁଝିପାରିବା ଯେ, ଉକ୍ତ ଯୁଗରେ ଖ୍ୱିଲାଫତ୍ ଅବତାରତ୍ୱର ମାର୍ଗ ଅନୁଯାୟୀ ପ୍ରକାଶିତ ହେବାକୁ ଥିଲା ଆଦେଶାବଳୀ ଏବଂ ଉପଦେଶାବଳୀର କ'ଣ ମର୍ଯ୍ୟାଦା ଏବଂ ମୂଲ୍ୟ ରହିଛି ? ଉକ୍ତ ଭବ୍ୟ ଖ୍ୱିଲାଫତ୍ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଥିଲେ, ଉକ୍ତ ଖ୍ୱିଲାଫତ୍ ଅବତାରତ୍ୱ ମାର୍ଗ ଏବଂ ଅବତାରତ୍ୱର ପନ୍ଥାନୁଯାୟୀ ପରିଚାଳିତ ହେବ । ଏହି ଦୃଷ୍ଟିରୁ ଉକ୍ତ ଖ୍ୱିଲାଫତ୍ ନିଜର ଭବ୍ୟତା ଓ ଉଚ୍ଚତାରେ ଅବତାରତ୍ୱର କଲ୍ୟାଣକୁ ସାଉଁଟି ରଖିଛି। ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେହି ଖ୍ୱିଲାଫତ୍‌କୁ ଅଲ୍ଲାଃତାଲା ଦ୍ୱତୀୟ ଐଶୀ ଶକ୍ତି ବୋଲି ବିବେଚିତ କରି ଜମାଅତ୍‌କୁ ଏବି ଶୁଭ ସୂଚନା ପ୍ରଦାନ କଲେ ଯେ, ଅଲ୍ଲାଃତାଲା ଏହାରି ମାଧ୍ୟମରେ ଜମାଅତକୁ ଏକ.. **(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)**

(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan